ମନୋହର-ସଙ୍ଗୀତ

ଓଡ଼ିଆ ଗୀତ ।

ଖୋଷ୍ ଝାଜିର ନ [illegible]

Digitized by PPRACHIN, SOA

ମନୋହର ସଙ୍ଗୀତ ।

୭୫ ଗୋଟି – ଓଡ଼୍ୟା ଗୀତ ।

ସଂଶୋଧିତ ଓ ପରିବର୍ଦ୍ଧିତ, ପଞ୍ଚମ ସଂସ୍କରଣ ।

ଶେଖ୍ ନଜିର ମହମ୍ମଦ କର୍ତ୍ତୃକ ସଙ୍କଳିତ ଓ ପ୍ରକାଶିତ ।

ସର୍ବସ୍ୱତ୍ୱ ସୁରକ୍ଷିତ ।

MANOHAR-SANGEETA.

ORIYA SONGS.

REVISED & ENLARGED

Fifth Edition,

PRINTED & PUBLISHED BY S. N. MOHAMMAD:—
Shaikh Bazar, Cuttack.
at the EDWARD PRESS. 1912

All rights reserved.

ମୂଲ୍ୟ ଟ ୦ / ଏକଅଣା ମାତ୍ର ।   *Price 1 anna only.*

Digitized by PPRACHIN, SOA

ମନୋହର-ସଙ୍ଗୀତ ।

1 ରାଗ ଚୋଖି ପରଜ—ଅଦ୍ଧତାଳ ।

ଜୟ ନୀଳାଦ୍ରିବିହାରୀ, ଦୀନବନ୍ଧୁ ! ଭକ୍ତଙ୍କର ହିତେ ନାମ ବହିଅଛୁ କରେ ଶଙ୍ଖ ଚକ୍ର ଧରି । ଘୋଷା । ପୀତାମାତାଧର-ସୁତାବାହନର ଭକ୍ଷ ଡାକିଲା ଅରଡେ । ରଥାଙ୍ଗ ପେଷିଲ ଅରିଭ ନାଶିଲ ରକ୍ଷା କରିଲ ତ୍ୱରିତେ । ୧ । ନାକଲୋକରାଜ-ତନୁଜ-ଅଗ୍ରଜ-ଜାୟା ଟାନୁଲା ଆକୁଳେ । ଲଜ୍ଜା-ନିବାରଣ ଅବଳା ତାରଣ କରିଅଛ ଅବହେଳେ । ୨ । ଗିରୀଶଦୁଲାଳ-କଦନକୁମା[illegible] ସଙ୍ଗେ ମଇତ୍ର ହୋଇଲ । ରାମନାସ୍ତି-ଅସ୍ତ୍ରୀ-ଅମ୍ବଜାକୁ ହରି [illegible] କାଣ୍ଡେକେ ବଧିଲ । ୩ । ଶମ୍ଭୁବାହନର-ଧର ଧରାସୁର ବଂଶେ ଅଜାମିଳ ଜାତ । ଅନ୍ତକାଳେ ଥରେ ନାମ ଜପିବାରେ ବଇକୁଣ୍ଠେ କଲ ସ୍ଥିତ । ୪ । କହେ ହୁଦାନନ୍ଦ ବେନି ଜନ୍ମ ମନ୍ଦ ମୁଁ ଅଜାମିଳୁ ଅଧିକ । କେକାପ୍ରିୟପୃଷ୍ଠ-ଉଦ୍ଭବ-ବାନ୍ଧବ କୁମର ଭୟରୁ ରକ୍ଷ ।

2 ରାଗ ଅଷ୍ଟାବରୀ ଯତି—ଅଡତାଳୀ ।

ଅଜ୍ଞ ଦେଖିଲି ରେ ନବୀନବୟସୀ ବାଳା । ପାଇଥାନ୍ତି ଯେବେ ଚନ୍ଦ୍ରବଦନାଙ୍କ ଗଳେ କରିଥାନ୍ତି ମାଳା । ପଦ । ଭ୍ରୂରୁ ଦେଖି ମୋତେ କୁରଙ୍ଗନୟନୀ ତର ତର ହୋଇଗଲା । କାଖେ କୁମ୍ଭ ଘେନି ଲେଉଟି ଗୃହାନ୍ତେ ମଦନ-ଶର ଦହିଲା । ୧ । ସୁନ୍ଦରକନ୍ଦର୍ପଦର୍ପଣ ପରାୟେ ଝଟକୁଥିଲା ତା ମୁଖ । ଗୃହଁଲା ମାତ୍ରକେ ଷସ୍ପୁ ଗଲା ମୋର ଅଙ୍ଗରୁ କନ୍ଦର୍ପଦୁଃଖ । ୨। କୋଟି କୋଟି ଶିବ ସେବା କରିଥିବ ଯେ ଥିବ ଗଙ୍ଗାରେ ଧ୍ୟାୟି । ବୋଲେ ଉପଇନ୍ଦ୍ର କବିକୁଳଚନ୍ଦ୍ର ତା ସଙ୍ଗ ଲଭିବ ସେହି ।୩।

3 ରାଗ ଦେଶମହ୍ଲାର ଯତି—ଅଡ଼ତାଳୀ ।

ଦେଖି ଯିବା ସଖି ଗୋ ଚାଲ ବହନ, କୁଞ୍ଜେ କୁଞ୍ଜେ ଝୁଲୁଛନ୍ତି ରଙ୍ଗେ ରାଧା ମୋହନ । ପ୍ରବାଳସ୍ତମ୍ଭେ ମର୍କତକଡ଼ି ଦଣ୍ଡେ ଶୋଭନ, ସୁନାଶିକୁଳୀରେ ଲାଗି ଝୁଲେ ମଣି ବସନ । ଘୋଷା । ପ୍ରିୟସଖି ଗୋ,

Digitized by PPRACHIN, SOA

ନାନାରଙ୍ଗେ ସଜନ । ତୋରା ଦଣେ ତଉପାଶେ ମୁକୁତାଝରାମାନ ; ଏତେବ ନୁହଇ ମୋହିବାରେ ତ୍ରିଭୁବନ । ୧ । ପ୍ରିୟସଖି ଗୋ, ନାନାରଙ୍ଗେ ଚନ୍ଦ୍ରମାନ । କାହିଁ ଜାଲିଧାଡ଼ି କାହିଁ ଫିଟୁଳାରେ ରଚନା । ମାତ୍ର ବସିଅଛୁ ହର କରୁଛୁ କେଉଁ ସ୍ଥାନ । ୨ । ପ୍ରିୟସଖି ଗୋ, ଜଳଇ ପ୍ରଦୀପମାନ । ଦନ୍ତଦ୍ୟୁତିଜ୍ୟୋତିରେ ଅନ୍ଧକାର ସର୍ବ ଦହନ । ଚନ୍ଦ୍ରଉଦଅରେ ନଶୀ ଦବସର ସମାନ । ୩ । ପ୍ରିୟସଖି ଗୋ, କହଗଲେ ବୃନ୍ଦାବନ । ଦେଖିଣ ସେ କୁଞ୍ଜଶୋଭା ସାର୍ଥ କଲେ ନୟନ । ସଦନର ଭାଗ୍ୟ କାହିଁ କରବାକୁ ଦର୍ଶନ । ୪ ।

4 ରାଗ ଦକ୍ଷିଣକାମୋଦୀ—ଅଠତାଳୀ ।

ଯଉଁଲା ଅଁସି କ ଦଶା ରେ । ସଜନି । ଛାନ୍ତି ମୋ ଅନ୍ତର ଦ୍ୱୋର ମଧୁପୁର ବସିଲେ ଯାଦବ ବରଷା ରେ । ଧ[redacted] ଥାଉ ଅଳେ ବାଙ୍କେ ବୃହିଁ ବୋଲନ୍ତି ପ୍ରାଣବନ୍ଧୁ ମୁଁ ଅନ୍ତର । କରବ ନାହିଁ ମୁଁ ଜୀବ ଥିବା-ଯାକେ କେ ଅବା କଲା ମନ୍ତ୍ର ରେ । ୨ । ବାଳକକାଳୁଁ ପାଳିଲି ତାହାଙ୍କର ଅଙ୍ଗନ ଏ ପାପୀଦେହ । କାଳି କଳକଣ୍ଠ କଲ ବ୍ୟାଧି ଧନ୍ଦ ହେବାରୁ ବନ୍ଧୁ ବିରହ ରେ । ୨ । ତଡିତ ଚମକ ଭେକ ଭକ ଭକ ନବଘନ ଧାରା ପତନ । ତଡିତକାନ୍ତି ବସନ ସନମନ କରୁଥାନ୍ତି କ ପତନ ରେ । ୩ । ଏକାଳେ କଳପତରୁ ତଳେ ବସି ଲଭୁଥାନ୍ତି କ ହରଷ । କହେ ପାନବନ୍ଧୁ ଦାସ ମାନସରେ ଭାବି ସେ ପଦସାରସ ରେ ।

5 ରାଗ ଅଁଶାବରୀ—ପଦ ବା ଅଡ଼ତାଳୀ ।

କାଲି ରଜନୀ ଗୋ ବଞ୍ଚିଲି ମୁଁ ଶ୍ୟାମ ସଙ୍ଗେ । ବିପରୀତ ରତି ସୁରସରେ ମାତି ଯୁଝିଲି ମଦନ ସଙ୍ଗେ । ଘୋଷା । ଲପଟେ ଲପଟି ଗଣ୍ଡେ ଚୁମ୍ବଦାନ ବାହୁକୁ ବାହୁ କାଛେଣି । ଉରକୁ ଉରଜ ତା ମୁଖ ପଙ୍କଜ ଦୋହଲଲା ନାସାମଣି । ୧ । କରରେ କଙ୍କଣ ବାଜେ କଣ କଣ ରଡ଼ କଲା କଟିହାର । ତା ଦେଖି ନୂପୁର ଝମକ ଝଙ୍କାର ବୋଇଲା ମାରକୁ ମାର । ୨ । ଗଳା ମୋତିହାର ଛୁଟି ଟଳଙ୍କର ଗୋଟିକି ଗୋଟି ଖସିଲା । ତା ଦେଖି କିଙ୍କିଣୀ ବାଜେ କଣିକଣି ମଦ-ନତ ହାରଗଲା । ୩ । ଶ୍ରମରେ ସମୀର ବହେ ସରଶର ସ୍ୱେଦ ଅଙ୍ଗେ

Digitized by PPRACHIN, SOA

ଜରଜର । ମୁ ବୋଇଲି ମାର ସୁଧାପଣଏର ଯେ ଇଚ୍ଛା କର ନାଗର ।
ଶ୍ରୀମତୀ ଶ୍ରୀହରି ଯୁଗଳ ପୀରତି ସୁଧ ଠାରୁ ସୁମଧୁର । ଭକ୍ତେ ଦୟାନିଧି
ନୃପସୁତାନିଧି ଶ୍ରୀ ରାଧା କୃଷ୍ଣ ପଯ୍ୟର । ୫ ।

6 ରାଗ ଦକ୍ଷିଣକାମୋଦୀ—ତାଳ ଯତି ।

ନ କର ରେ ରମା ମାନ, କହୁଛି ବିନୟ ବଚନ । କଣାଛନଠାରେ
ମାନ କଲେ କି ହେବ ସମାନ । ଘୋଷା ! ତୁ ମୋ ଗଳାରହାରମାଳା,
ବାଳା ରେ କେବେ ପଡ଼ୁଥିଲା । କାମିନୀଙ୍କ ରେ ମୋ ହେଲା ନ ବୁଝା
ନ ବାନ୍ଧିଲା । ୧ । ଲଗାଇ ପ୍ରୀତିବଲ୍ଲରୀ, ନ ଛେଦ ଶ୍ରୀହସ୍ତେ ଧରି ।
ବାନ୍ଧିବ ମୁ କଣା ପତି କଣ ରଖ ବିମ୍ବାଧରି । ୨ । ମୁଁ ଯେବେ ହୋଇଲି
ଦୋଷୀ, ତୁ ପରା କରୁଣାରାଶି । ଶରଣ ପଶିଲି ଆସି ରଖ ମୋତେ
ମହାଲକ୍ଷ୍ମୀ । ୩ । [illegible]ର ଏ ବାଣୀ ଶୁଣି, ହରଷେ ରମଣୀମଣି ।
ଆରମ୍ଭିଲେ ରତି ଆଣି ଉପେନ୍ଦ୍ର ଭଞ୍ଜ ଭଣି । ୪ ।

7 ରାଗ ପୂରବୀ—ରୂପକ ।

ନୟନପଡ଼ୁଥିଲା ତୁଲା ତୁ ମୋର ସିନା ରେ । ଘୋଷା । ତରୁଣୀ-
ରତନମଣି, କାହୁ ରେ କମଳା ପୁଣି । ଗୁଣ ଗୁଣି ପ୍ରତକ୍ଷଣି ମରିବି ସିନା
ରେ । ୧ । ପରବତସ୍ତନା ଲୋଚନା, ପରବଚନ୍ଦ୍ରବଦନା । ଚରଣନ ଛନା
ପର ହସିବେ ସିନା ରେ । ୨ । ପାଶରୁ ହେଲ ଅନ୍ତର, ଦୋଷେ
ଲକ୍ଷ୍ମନ ନ କର । ଦାସ ନାଶ ଅପଯଶେ ଭସିବୁ ସିନା ରେ ।୩। ଯାହାର
ଯାହା ଶରୀରେ, ସାହା ନାହିଁ ତ୍ରିଭୁବନେ । ତା ଦୁଃଖ ଦେଖିଣ ପିଠି
କରି ବସ ନା ରେ । ୪ । ବମା ବାମ ନହୁ ମୋତେ, ଜପେଁ ତୋ ନାମ
ଘରତେ । ରାମକୃଷ୍ଣ କାମନଦେ ଭସିବ ସିନା ରେ ।

8 ରାଗ ଭୂପାଳୀ—ତାଳ ଝୁଲ ।

ଯମୁନା ଯିବା ନୋହିଲା ମିତ । ବାଟେ ଜଗିଅଛୁ ନନ୍ଦସୁତ ।
ଘୋଷା । ସେ ପୀତପଟିଆ, ପଥେ କରି ଠିଆ, ବୋଲୁଥାନ୍ତି ବାଣୀ
ଅଚମ୍ଭିତ । କରି ବଂଶୀଧ୍ୱନି, ମୋହି ଆମ୍ଭ ମନ, ଚିତ୍ତକୁ କରାନ୍ତି ବହିଂ
ଗତ ।୧। କି ମନ୍ତ୍ର ପଢ଼ାଇ, କି ଅନ୍ତ୍ର କଢ଼ାଇ, ନ ରହଇ ଆମ୍ଭର ଆୟତ୍ତ ।
ଯମୁନାକୂଳରେ, କଦମ୍ବମୂଳରେ, ବସାଇ ରଖନ୍ତି ହୁରୁମତ । ୨ ।

Digitized by PPRACHIN, SOA

ଜଳରେ ପୂରାଇ, କଳଭୁକ ଧ୍ୟାଇ, ବସ୍ତ୍ର ହରି କଲେ ହରକତ । ବୋଲନ୍ତି ଜଳରେ, ଉଲଙ୍ଗ ହୋଇଲ, କର ଯୋଡ଼ି କର ଦଣ୍ଡବତ । କେ ବୋଲେ ଗୋ ସଖି, ଜଳ ନେବାପାଇଁ, ଯମୁନାଘାଟ ହେଲା ଦୁର୍ଘଟ । ହୋଇଲେ ବାହାର, ଚିତ୍ତ ଥରହର, ଏବେ ଚନ୍ଦ୍ରଗ୍ରେର ଉଦାଇତ । ୪ । ଜଳରୁ ବାହାରେ, ଯେଝା ବସ୍ତ୍ର ଧରି, ପିନ୍ଧ ଫେର ଅଇଲେ ତୁରିତ । ବୋଲେ ବନମାଳୀ, ଆଗୋ ବ୍ରଜବାଳା, କୃଷ୍ଣ ଚରଣେ ରଖି ଯା ଚିତ୍ତ । ୫ ।

9 ରାଗ ଝୁଲ—ଅଠତାଳୀ ।

କୁରଙ୍ଗିନୟନା କାହାର ଅବଳା । କି ରଙ୍ଗରେ ଝୁଲି ଝୁଲି ଆସେ ବାଳା । ପଦ । ତାର ପଯ୍ୟରେ ଝମକ ଝୁମ୍ପିଆ, ଦେଖି ନାଗର ଦଣ୍ଡେ ହେବେ ଠିଆ । ଅଡ଼ଭଙ୍ଗୀ ହୋଇ, ସୁନ୍ଦରୀ [illegible], ଦୋହଲି ପଡ଼ନ୍ତି ତା କଟିମେଖଳା । ୧ । ତାର ବକ୍ଷସ୍ଥଳେ କୁଚକଳଶ, ଝଟେ କରନ୍ତି କବା ମଦେଶ । ନାହିଁ ସେବାକାରୀ, ଦଶେ ହତଶିରୀ, ପାଣି ମଣ୍ଡାଇବା କରୁଛି ସଙ୍ଗୋଳା । ୨ । ଶୁକ ସନକମାନେ ମହାଯତି, ରୂପ ଦେଖିଲେ ଭୁଲିଯିବ ମତି । ପୀଡ଼ିବ ମଦନ, ହୋଇବେ ଅଜ୍ଞାନ, ଯୋଗିଜନଙ୍କର ଭୁଲାଇବ ଭେଳା । ୩ । ରସେ କହେ ଦ୍ୱିଜ ସାନନ୍ଦ ଦାନ, ଯେବେ ମିଳନ୍ତା ରମଣୀରତନ । ନାନାରଙ୍ଗେ ମିଳି, କରି ରସକେଳି, କାମ ମୁଖେ ବାମ ହୋଇ ଦ୍ୟନ୍ତି କଳା ୪ ।

10 ରାଗ ଝୁଲ—ଅଠତାଳୀ ।

ମୋ ଶ୍ୟାମନାଗରବର ପ୍ରୀତିରେ ମୁଁ ଗଲି ସରି । ଜାଣି ନ ଥିଲି ଏଡ଼ିକି ହେବ ବୋଲି ଏତେସରି । ପଦ । ଶ୍ୟାମପ୍ରୀତି ବଡ଼ ମନ୍ଦ କରି ଛୁରି ବୃନ୍ଦାବନୀ । ନନ୍ଦସୁତ ଛନ୍ଦରେ ମୁଁ ପଡ଼ିଗଲି ସହଜରି । ୧ । ଅଶନ ବସନେ ମନ ପ୍ରସନ୍ନ ନୋହେ ମୋହରି । ଝୁରୁଥାଇ ନିରନ୍ତର ନୟନଯୁଗଳୁଁ ବାରି । ୨ । ଘରଦ୍ୱାର ବନ ବଧାଧବେଶେ ଦଶେ ଶମ୍ଭ-ହରି । ଯୋଷି ଶର ମାରେ ଉର ପରାଣ ନେବାକୁ ହରି । ୩ । ଘନ ଘନ ହେଲି ଖୀଣ କି କଲି ମୁଁ ନ ବସ୍ତୁରି । ବୋଲେ ଭ୍ରମାନୁଜ ସିଂହ ପ୍ରୀତିକି ଦୂରୁଁ ଜୁହାରି । ୪ ।

Digitized by PPRACHIN, SOA

11 ରାଗ ରେଗୁପ୍ତ—ତାଳ ତ୍ରିପୁଟା ।

କାହା ମନେ ଥିଲା ଗଳ୍କୁ ଏହା କି ଯେ କରିବ ରେ । ପଦ । ଯାଙ୍କୁ କଲି ଗଳାମାଳା, ସେ କାଟି ଦେଉଛି ଗଳା । ମୁଁ ତ ଯୁବତୀ ଅବଳା ମୋ ଦାନ କେ ସାରିବ ରେ । ୧ । ରତିରସେ ରସିବାକୁ, ରାତି ବଞ୍ଚେ ମୁଁ ଏକାକୁ । ଦନେ ମନେ କରି ସେ ମୋ ନାମକୁ ନ ଧରିବ ରେ ।୨। ଥିଲେ ଥିବ ତାର କତ, ତା ବନା କେ ମୋର ଗତ । ସେପ୍ରୀତିରସରେ ଧନୀ ମୁହିଁ ସିନା ଗରିବ ରେ । ୩ । କହେ ଦ୍ୱିଜ ମାନ ରାଇ, କି ହେବ କା ଆଗେ କହ । ଦୂତୀ ଦେଷ ବନ୍ଧୁ ଅସି ସନ୍ତାପକୁ ହରିବ ରେ ।୪।

12 ରାଗ ମାଳ୍ସୀ—ଆଠତାଳୀ ।

ଜଣା ଗଲା ପ୍ରୀତିରୀତି ଏବେ ଭ୍ରମର । ମହୀରେ କେ ସହିବ ଛତ୍ର କରି ପଥର । ଘୋଷା । ପ୍ରକୃଷ ଭ୍ରମର, ଏ ରୀତି ଭ୍ରମର । ହୃଦୟେ କ୍ଷୁରଧାର, ମୁଖେ ଭାଷ ମଧୁର । ୧ । ଦନେ ଏହି ରୀତ, ନ ଥିଲା ହେ ଶ୍ରୀପତି । କାହା ସଙ୍ଗତେ ମାତ, ହେଉଛ ଊର ଊର । ୨ । ଏକେ ଏ ବାଳୀଶ, କରନ୍ତି ଅଶ । କହ ଶ୍ରୀକୃଷ୍ଣ ପାଶ, ଦୂତି ଏ ସମାଚାର । ଗୋପପୁରରେ ଅତି, ହେଲା ଅପଖ୍ୟାତି । ବଉଦ ନରପତି, ଭାଷନ୍ତି ଏନ୍ତ ଗୀର । ୪ ।

13 ରାଗ ସୁରକ୍ଷା—ଆଠତାଳୀ ।

ମୁଁ କରିବାର ଦୋଷ ସିନା ଏତକ । କ୍ଷମା ହେଉ ମାଗୁଛି ଦୟାବନ୍ତଙ୍କ । ଘୋଷା । ବେଶ ହୋଇବା କାଳେ, ଆଣି ବସାନ୍ତେ କୋଳେ । ପ୍ରଶଂସା କଲି ଯାହା ନାସାମୋତିକ । ୧ । ନାନା କୁସୁମେ ତୋରା, ସଜାଡ ଫୁଲଝରା । ହସି ବୋଇଲି ଥାଉ ଆଜ ଗ୍ରଥିକ । ୨ । କରଥିଲି ଶୟନ, ନ କରି ସଚେତନ । ଚୁମ୍ବିଲି ତୋ ଶ୍ରୀମୁଖ-ଜଶାପତିକ । ୩ । ମର୍ଦ୍ଦରାଜ ବନତ, ଶୁଣି ସେ ରସବନ୍ତ । ସୁପ୍ରେମେ ଗ୍ରହିଁ ଦେଲ ଇନ୍ଦ୍ରଭୂତିକ । ୪ ।

14 ରାଗ ଦକ୍ଷିଣକାମୋଦୀ—ଅଠତାଳୀ ।

ଆହା ମୋ ଲାବଣ୍ୟନିଧି । ହରାଇ ବସିବ ବୁଦ୍ଧି ରେ । ପଦ । ଶିବ ସେବ ଅନୁବ୍ରତେ, ପାଇଥିଲି ଧନ ତୋତେ । ଏବେ କେମନ୍ତେ ମୁଞ୍ଜିବ ଚିତ୍ତେ ରେ । ୧ । ଯେ ହାତେ ଗ୍ରହିଁଲେ ଧନ, ହାତେ ତୋ

Digitized by PPRACHIN, SOA

ଚନ୍ଦ୍ରବଦନ । ଏବେ କେମନ୍ତେ ବଞ୍ଚିବ ଦନ ରେ । ୨ । ସଖି ମୁଁ ଧରୁଛି କର, ମୋତେ ନିବାରଣ ନ କର । ହେବ ତୋ ଛନ୍ଦା ମୋ ହୃଦେ ଗାର ରେ । ୩ । ରସିକ ବରବ ବାଣୀ, ଶୁଣି ପ୍ରବୋଧି ରମଣୀ । ତେଜି ନ ଯାଅ ଉପେନ୍ଦ୍ର ଭଣି ରେ । ୪ ।

15 ରାଗ ଭୈରବୀ—ଆଦିତାଳ ।

ମନା କରୁଥିଲି ରାଧେ ନ ଯିବୁ ଯମୁନା । ବାଟ ଜଗି ଘାଟ ମାଗେ ନନ୍ଦପୁଅ କହ୍ନା । ଘୋଷା । ସୁନ୍ଦର ବ୍ରଜରମଣୀ,-ବୃନ୍ଦ ମଧ୍ୟେ ଶିରୋମଣି । ମୁଁ ଦୟିନା କରୁଛି ତୁ ତେଣିକି ଯାଅ ନା । ୧ । ତୋତେ ଦେଖିବାକୁ ମନ, ହେଉଥାଇ ପ୍ରତିଦନ । ପଥେ ଜଗି ବସିଅଛି, ସେ ଛଇଲ କହ୍ନା । ୨ । କଲି ତାକୁ ହୃଦେ ହାର, ହେଲି କୁଳରୁ ବାହାର । ବାଜୁଅଛି ବୃନ୍ଦାବନେ, ବଂଶୀସ୍ୱନେ ତୋ ନା । [illegible] ମାନଗୋବିନ୍ଦ କହଇ, ମାନ କଲେ ନ ରହଇ । ବାଙ୍କଗ୍ରୀବାଣିରେ ଟାଣି ନିଏ କୁଳାଙ୍ଗନା । ୪ ।

16 ରାଗ ପୂରବୀ—ତାଳ ପହ୍ନ ।

ପର ବୁଦ୍ଧିରେ ପଡ଼ ପ୍ରୀତି ତେଜି ଦେଲାଣି । ପ୍ରୀତି ତେଜି ଦେଲାଣି । ଯା ଭାବ ଭଙ୍ଗି ଦେଲାଣି । ପଦ । ଦୂରୁ ଶୁଣି ମୋ ବଚନ, ପିଞ୍ଜରେ ଶାରୀ ଯେସନ, ହେଉଥାଏ ଛନ୍ନ ଛନ, ଏବେ ହେଲା ଗୁମାନୀ । ୧ । ନ ଦେଖିଲେ ଯାକୁ ଥରେ, ଝୁରୁଥାଏ ନିରନ୍ତରେ, ଏବେ ଦେଖିଲେ ପଥରେ, ମଥା ପୋତି ଦେଲାଣି । ୨ । ଭଙ୍ଗି ରଖିଥିଲି ପାନ, କର୍ପୂର ମିଶାଇ ଚୂନ, ଅଦ୍ଧ ଗରଳ ପରାୟେ, ତାକୁ ଦୂର କଲାଣି । ୩ । କହେ ଦୀନକୃଷ୍ଣ କବି, ତା ଚିନ୍ତାରେ ମୁଁ ମରିବି, ଈଶ୍ୱର କଲେ ପାଇବ । ଭସିଗଲି ସଜନି । ୪ ।

17 ରାଗ ପିଲୁ—ଖେମଟା ।

ଆସ ଆଶା ନ ଭାଙ୍ଗ କୁନ୍ଦରଦନା । ଦେଖ ବସନ୍ତ କାଳ ହେଲା ସଜନା । ଘୋଷା । ମତ୍ତଗଜଗମନା ତୁ ମୀନନୟନା, ବନ୍ଧୁଳଉରଜା ସହୀ ପିକ-ବଚନା । ନାହିଁ ନାହିଁ ନ କର, ଅଟରେ ଯୁବତିବର; ତୋ ହୃଦେ ତୁ ବିଚାର, ଆସ ମୋର ପାଶର; ଭାଷି ଅମିୟ ଗିର, ମୋ ଚିତ୍ତ ଶାନ୍ତିକର; ସୁନ୍ଦରୀ କର ଯେନ ଦୟିନା । ୧ । ବସନ୍ତ ଚନ୍ଦର ଖୋଲ ଜାତି ପଦ୍ମିନୀ,

Digitized by PPRACHIN, SOA

ମୃଗରାଜ କଟି ନନ୍ଦେ ଘନଜଘନ । ପ୍ରଫୁଲ୍ଲ ଚନ୍ଦ୍ରାନନ, ଦେଖିବାରୁ ମଦନ; ତନୁ କରେ ଦହନ, ପ୍ରାଣ ନେବ ବହନ; ତୁହି ବିବେକୀ ଧନ, ରଖ ମୋର ଜୀବନ; ନୋହିଲେ ଭ୍ରମେ ଗଲି ସଜନ । ୨ । ତୋତେ ମୁଁ ଭରସା କରି ଅଇଲି ଧାଇଁ, ତୁ ମୋତେ ନିରାଶ ଚିତ୍ତେ ନ କର ସହି । ମୋତେ ନ କର ପର, କହଇ ରାମାବର; କହିଥିଲେ ମୁଁ ଖର, ଦୋଷ ମନେ ନ ଧର; ଖଣ୍ଡ ତୋ ମନୁ ମାନ, କେ ଥିବ କେତେଦିନ; ଭାବେ ବଞ୍ଚିବା ଦିବା ରଜନୀ । ୩ । ଯେତେ ତେରୂପେ ତୋ ଛାମୁରେ କହିଲି ପୂର୍ଣ୍ଣି, ପାଷାଣ ହେଲେହେଁ ହୋଇ ଯାଆନ୍ତା ପାଣି । ହେଲେ ଦେବତା ବର, ଦିଅନ୍ତାଣି ନିକର; କଠିନ ହୃଦ ତୋର, ଜାଣିଲି ମୁଁ ଏଥର; କହଇ ବିଦ୍ୟାଧର, ମୁବାବତ୍ସପ ତୁ ତୋର; ବନ୍ଧିବା ଧ୍ୱଜ ହେଉ ଯଜ୍ଞନ । ୪ ।

18 ରାଗ ଭାଟିଆରୀ—ଏକତାଳୀ ।

ଅରେ ପ୍ରାଣସଙ୍ଗି । ମନମୋହନ-ମନ୍ତ୍ର ତୋର ଭଙ୍ଗୀ । ଘୋଷା ! କୃପାରେ ମାନସ ରଖାଇଲୁ । ଭୃଙ୍ଗେ ଭୃଙ୍ଗବନ୍ଧ ଶିଖାଇଲୁ । ଅଳପ ଅଳପ ବଖାଇ ବଖାଇ ବିମ୍ବାଧରୁ ମଧୁ ଚଖାଇଲୁ । ୧ । ବ୍ରହ୍ମଜ୍ଞାନୀ ଯୋଗୀ ଯୋଗଭୁଲି । ତିଳସୁମନସ ନାସାଫୁଲି । ପଦ ପଦଙ୍କରେ ଯାଚ ଦେଉଥାଉ ପଦ୍ମରାଗମଣି-ନଥଝୁଲି । ୨ । ସନ୍ତାପସରତ ଶୁଖାଇଲୁ । କରେ ପୟୋଧର ରଖାଇଲୁ । ହେମପାଶା ସାର ପଞ୍ଜର-ପାଲରେ ପଡ଼ିଇବା ଗୀତ ଶିଖାଇଲୁ । ୩ । ଅଷ୍ଟଦୁର୍ଗପତି ଭପେ ଭୋଳେ । ଚକ୍ରବର୍ତ୍ତୀ କଲୁ ଯୁବାକାଳେ । ଅଲ୍ପ ଦାନୀ ହୋଇ ମାନୀ ହେଲୁ କାନପଣନ୍ତ୍ରପବନ ଯେତେବେଳେ । ୪ ।

19 ରାଗ ବସନ୍ତ—ତାଳ ଝୁଲା ।

ଚଳ ଚଳ ଅସଇ କାହାର ବାମା ଗୋ । ଚାହିଁଅଛୁ ଝିନବାସେ ଉରଜସୀମା ଗୋ । ପଦ । ଚକାର କରଣ ଦାଣ୍ଡେ, ଚମକାଇ ଯୁବାବୃନ୍ଦେ, ଭୁଲାଇଲୁ ପ୍ରାୟ ଦିଶେ ତାର ନୈନଭଙ୍ଗିମା ଗୋ । ୧ । ଡାଳି ପରି କରି ଶାଢ଼ୀ, ବାମକରେ ଅଛୁ ଆଡ଼, ଚଙ୍କା କୁଚ ପରେ ଧଡ଼ି ପଡ଼ି ବିଶେ ସୁଷମା ଗୋ । ୨ । ଚାହିଁଲୁ ବେଳେ ଲପନ, ଦିଶେ ଏହୁ ଅନୁମାନ, ଚକାରେ ସେ ହେବ କାମପୂଜା-ପ୍ରତିମା ଗୋ । ୩ । ତୋକଲୁବେଳେ

Digitized by PPRACHIN, SOA

ତାମ୍ବୂଳ, ରସ ଦଶେ କଣ୍ଠସ୍ଥଳ, ତଳଦଳେ ଭଙ୍ଗେ କାଟନ୍ତେ ଗାତ୍ରମା ଗୋ । ୪ । ଉ ଅକ୍ଷରେ କର ପଦ, କହଇ ଦ୍ୱିଜ ସାନନ୍ଦ, ତାଙ୍କେ ନ ମୂର୍ଚ୍ଛିବ ନାମ ପୂଜା-ପ୍ରତିମା ଗୋ । ୫ ।

20 ରାଗ ପିଲୁ—ଖେମ୍ଟା ।

ତୁମ୍ଭ ସଙ୍ଗେ ପୀରତି କରି ମୋହନ । ହେଲା ହରହାନକେ ରାଧା ବଦନ । ପଦ । ତଉସାଂଶରେ ଘେରି, ଅଛନ୍ତି ମହାଚଣ୍ଡୀ; କମଳଦଳ ଯାଇ, ଶାଳ୍ମପତ୍ରର କରି; ନୀଳମଣି ଧରାତରେ. ହେମପ୍ରତିମା ପଡ଼ି; ବ୍ୟସ୍ତେ ଶୋଇଛି ବାଳାରତନ । ୧ । ଘନକେଶୀ ସମର୍ପି ଯା ମନ ଯୌବନ, ପିତା ପତିକୁଳ ତେଜି ହେଲା ନିହନ୍ନ । ମଣିବନ୍ଧକୁ ନାଡ଼ୀ, ଯାଉଛି ସ୍ଥିତ ଛାଡ଼ି; ହୃଦେ କର କଗ୍ଡ଼ି, ସଜନୀ ଯାନ୍ତି ଚଢ଼ି; ମୋହ ଘଡ଼ିକ ଘଡ଼ି, ଚେତନା ଯାଏ ବୁଡ଼ି; ଅତି ଉଚ୍ଚେ କରନ୍ତି ରୋଦନ । ୨ । ଯେ ଯେତେ କହିଲେ ନ ଶୁଣଇ ବଚନ, କାହା ମୁଖ ନ ଚାହେଁ ସେ ଟେକ ନୟନ । କେ ଧୀରେ ଧୀରେ ଟେକି, ପନୀଉନୀର ସିଞ୍ଚି; ଲଲାଟେ ତା ହିରଞ୍ଜି, ଏ ଦଶା ଥିଲା ରଚି, ଆଶାତ ନ ବଞ୍ଚୁଛି, ସ୍ୱରୂପ କହୁଅଛି; ହେଲାଣି କଣ୍ଠାଗ୍ରତ-ଜୀବନ । ୩ । ବାସ ବେଶ ମଣିଲାଣି ବିଷ ସମାନ, ଚିତ୍ତଶମୋହିନୀ ତେଜିଲାଣି ଅଶନ । ହଂସତୂଳ ତୁଳୀ ଶଯ୍ୟା, ରତ୍ନପଲଙ୍କ ତେଜ୍ୟା; ପ୍ରୀତି କରିବା ମଜା, ପାଇ ପୀନଉରଜା; ହେଲା ପଥର ସେ ଯା, ବୃଷଭାନୁତନୁଜା, ଏହା ଦେଖିଲା ପାପ-ନୟନ । ୪ । ଭଣେ ନିତ୍ୟାନନ୍ଦ ମୂଢ଼ ପାମର ହୀନ, ତୁମ୍ଭ ପ୍ରୀତିକି କହିବ ବଂଶୀବଦନ । ପୁଂସଜାତି ଭ୍ରମର, ନୁହନ୍ତି ସେ କାହାର; ଭଲ ମନ୍ଦକୁ ଡର, ନ କରନ୍ତି ବହୁର; ତୁମ୍ଭେତ ଦଗାଦାର,—ମାନଙ୍କ ସରଦାର; ବନ୍ଧୁ ହୃଦୟ ବଡ଼ କଠିନ । ୫ ।

21 ରାଗ ଛୋଡ଼ପରଜ—ଅଠତାଳୀ ।

ସଙ୍ଗାତ, ପୀରତିପଥ ଖସଡ଼ା ରେ । ନ ଜାଣି ତହିଁକି ପାଦ ବଢ଼ାଇଲେ ପଦ ପଦକେ କଚଡ଼ା ରେ । ଘୋଷା । ଚରଣମଞ୍ଜୁଳ, ଶିଳାରେ ତଇଳ, ହୋଇଣ ଅଛଇ ଲଡ଼ା । ଥାଉ ଗୃହବାର, ଅଧିକ ଗୋହର, କେହ୍ନାଇ ପାରିବୁ କି ଛୁଡ଼ା ରେ । ୧ । ଚପି ପଦାଙ୍ଗୁଳ, ଥିରେ ଦେବୁ ଗୃହ,

Digitized by PPRACHIN, SOA

ଦୃଷ୍ଟିପଥକୁ ନ ଛୁଡ଼ା । ନୋହିଲେ ଯେ ଜନ, କରନ୍ତି ସେବନ, ତାର
ପଛେ ପଛେ ଗୋଡ଼ା ରେ । ୨ । କେବଳ ଏ ପଥ, ଯିବାର ବିକଟ,
ଚରଣେ ନୁହଇ ପୀଡ଼ା । ଯେବେ ତୋର ଇଚ୍ଛା, ବୁଦ୍ଧିବଳ ଅଛି, ଚରଣ
ତହିଁକି ବଢ଼ା ରେ । ୩ । ଦ୍ରବିବେ ତୋ ସଖି, ଉଗାରଏ ଦେଖି,
ଅଧିକ ହୋଇବ ପୀଡ଼ା । ବନମାଳୀ କହ, ଯେବେ ପାରୁ ଯାଇ,
କୀର୍ତ୍ତିପତାକା ଉଡ଼ା ରେ । ୪ ।

22 ରାଗ କାମୋଦୀ—ଅଠତାଳୀ ।

ଶ୍ରୀମତି, ସରାଗ ତୋ ମୁଖେ ନାହିଁ । ସରାଗ ମୁଖଲକ୍ଷ ସରସ୍ୱେ
ପଙ୍କଜ ଦଶ୍ୟଅଛି କାହିଁପାଇଁ ଗୋ । ପଦ । ହନ୍ଦି ଘନଶ୍ୟାମ ଶୋଭିକୁ
ଭୂ କଂପା ଧେନୁ ନାହିଁ ମାଳଚେଳ । ଗୃରୁ ମୃଗମଦ ତିଳକ ଲାବଣ୍ୟ
ନାହିଁ ହୋଇଛି ମେଳ ଗୋ । ୧ । ଚକ୍ଷୁରେ ରୋପିତ ତମାଳଲତାକୁ
ଶ୍ରୀହସ୍ତରେ ଦେଲୁ ଛାଡ଼ି । ବରଜି ହାତ ନକୁଞ୍ଜିରହାର ଅରଜିଲୁ
ଚନ୍ଦ୍ରନାଡ଼ୀ ଗୋ । ୨ । ବାଞ୍ଛାବଟତଳେ ତପ କରୁଥିଲେ ତୋପାଦେ
ଦେବାକୁ ଲକ୍ଷ । ସେ ଦୋଷକୁ ରୋଷ କର ପଶ୍ଚାତ୍ତାପ ହୋଇଅଛୁ
କୁଟିଳାକ୍ଷୀ ଗୋ । ୩ । ମାନଉଚିତା କହେ ଦଣ୍ଡେ ନ ଦେଖିଲେ ଗଣ୍ଡେ
ଅଶ୍ରୁଧାରା ଧରୁ । ଶ୍ୟାମକୁ ମାନ ନ କରବୁ କହୁଛି କାମକୁ ଭୁ
ଯେବେ ଡରୁ ଗୋ । ୪ ।

23 ରାଗ ଖମ୍ବାଜ—ତାଳ ଚମ୍ପା ।

ଶ୍ରୀତି-ସୁଧା କେ ଜାଣିଛି ଅନୁଭବ ବିନା ରେ । ପଦ । ଦିବାକର
ନିଶାକର । କମଳ କୁମୁଦ ପର । ଭବଗ୍ରାହୀ ହୋଇଛନ୍ତି ଜଗତରେ
ଚିନା ରେ ।୧। କ୍ଷୀର ନୀର ଅଗ୍ନି ଠାରେ । ରଖିଲେ ହେଲେ ସଧୀରେ ।
ପାବକ ନାଶକ ବାର ବାର କରେ ମନା ରେ । ୨ । ପବନ ପାବକ
ଜଳ । ନାଶନ୍ତି ହେଲେ ପ୍ରବଳ । ବୋଲକର କେଉଁ ଜନ ହୁଅନ୍ତି
ଦମନା ରେ । ୩ । ପଦ୍ମନାଭ ଦେବରାଜ । ଭକ୍ତିବ୍ରଜଯୁବରାଜ । ଭାଷନ୍ତି
ଏପରି ଗୋର ହେବୁଟି ଅଭିନ୍ନା ରେ । ୪ ।

24 ରାଗ ଭୈରବୀ—ତାଳ ଯତି ।

ଚାଲ ଚାଲ ଏ ରାଜ୍ୟ ଯିବା ଗୋ ସଇ । ଏ ଛାର ବରଷା ଡର
ଯେଉଁ ରାଜ୍ୟରେ ନାହିଁ । ପଦ । ଘଡଘଡ଼ି ଚଡ଼ଚଡ଼ି ଦରଦଡ଼ି

Digitized by PPRACHIN, SOA

କରଇ । ତା ଦେଖି ତା ଶୁଣିକରି ମୋ ହୃଦୟ ଥରଇ ।୧। ସୁରଙ୍ଗ ଧବ ଚଳିକ ଫରାଟେକ ଉଡ଼ଇ । କାମଦ ନିଶାଣେ କାମିନୀଙ୍କ ଘର ବୁଡ଼ଇ । ଯୋଡ଼ୁ ଏ ଝଞ୍ଜାମରୁତ ଖରତର ବହଇ । ଝିଙ୍କାରି ଝଙ୍କାର ଗୁଣ ଟଙ୍କାର କି କରଇ ।୩। ଚପଳା ଚହଟି ଚଉଦଗେ ହାସ କରଇ । କାନ୍ତ ଅଙ୍ଗ-ସଙ୍ଗ ଛନ୍ଦା ନାରୀ ଦମ୍ଭ ହରଇ ।୪। ଭଣେ ରସାନନ୍ଦ ଗୃନ୍ଦ ଶୁଣ ଗୋ ପ୍ରିୟସଖି । ଯେଣେ ଯିବ ତେଣେ ଏ ବରଷା ବଢ଼ିଛି ବଳି ।୫।

25 ରାଗ କାଫି—ଏକତାଳୀ ।

କାହ୍ନ ଲୋ ପଙ୍କଜ ସେ କଦମ୍ବମୂଳେ କେସେ । ନବୀନନୀରଦତନୁ ଟେକେଡ଼େ ଶୋଭା ଦଶେ । ପଦ । କିଶୋର ବୟସ ତାର । ଛବି ଦଶେ ମନୋହର । ନାଗରୀଙ୍କ ଚିତ୍ତଚୋର ନଟବର ବେଶେ ।୧। ମନେ କି ରେ ବିବେଚନା । ଜାଣେ କି ମନ୍ତ୍ର ରଚନା । ଯେଣୁଥାଇ ଗୋରଚନା-ବିନ୍ଦୁ ଭଲଦେଶେ ।୨। ମନରେ କି ରୋଷ ବଳି । ଅବଳା ବଧିବା ପାଇଁ । ଜାଣିଲି ନିଶ୍ଚୟ ବଡ଼ ଆଣିଛୁ ଏ ଦେଶେ ।୩। ବନମାଳୀ ଦାସ ଭଣି । ଶୁଣ ଦରା ମୁରଲୀପାଣି । ପରରେ ହେଲେ ତାଠାରେ ଜାଣିବୁ ଭୁ ଜେ ସେ ।୪।

26 ରାଗ ମାଳୁଅ—ଆଡ଼ତାଳୀ ।

ଶଶିମୁଖି ହସି ଅସି ବସ ମୋ କୋଳେ । ଏ ଯାଉ ଜୀବଧନ ନ ଥିଲି କେତେବେଳେ । ପଦ । ହେଲ ଯେବେ ଦୋଷୀ, ଆରେ ମଦା-କଷି । କରଜମନେ ଭୂଷି, ଦଣ୍ଡ ଦିଅନା ବଳେ ।୧। କେ କସ ଲଗାଇ, କହିଛି ଆରେ ସଇ । ଏଥିକି ରୋଷ ବଇ, ଆନନ ତାଳୁ ଢଳେ ।୨। ଦ୍ରୋହ ପଦ ସହି, ରସା ମଧ୍ୟରେ ନାହିଁ । ଅଙ୍କପଲଙ୍କେ ନେଇ, ବେଡ଼ାଅ ଭୁଜ ଗଳେ ।୩। ଶ୍ରୀ ଯୋଗୀନ୍ଦ୍ର ଦେବ, ଭାଷଇ ରଜିବ-ନେତ୍ରୀର ହାବଭାବ, ଭସାଏ କାମଜଳେ ।୪।

27 ରାଗ ଅଶାବରୀ ଯତି—ଆଡ଼ତାଳୀ ।

କେତେ କହିବ ଯେ, କେତକୀବରନା ଗୁଣ । ତା ମୁଖ ଦେଖିଲେ ଯୋଗୀଜନ ହେବେ କାମେ କାମୀ ହେବେ ଜାଣ । ଘୋଷା । କେଉଁ ବିଧି ତାକୁ କେମନ୍ତେ ଗଢ଼ିଲା ଧନ୍ୟ ବୋଲିବା ତାହାକୁ । ସ୍ୱର୍ଗବାସୀ

Digitized by PPRACHIN, SOA

ନାସା ମଝିର ସୁନ୍ଦର ସର ନୋହିବେ ବାମାଙ୍କୁ । ୧ । ସୁକୁନ୍ଦରବଦନା । ଯେଉଁଥିଲା ଯଦନେ କପାଳେ ସିନ୍ଦୂର ବିନ୍ଦୁ । ତାହା ଦେଖି ମନେ ବିଚାରିଲି ମୁହିଁ ଗଗନେ କି ଉଦେ ଇନ୍ଦୁ । ୨ । ଏହିପରି ଶୋଭା ଦେଖି ହେଲି ଲୋଭ ମନ ଅଥୟ ହୁଅଇ । କନ୍ଦର୍ପଅନଳ ହୋଇଲା ପ୍ରବଳ ଧଇର୍ଯ୍ୟ ଧର ନୁହଇ । ୩ । ଉନମତ୍ତୀ ହୋଇ ରହିଲି ଯା ମୁହିଁ ବିହି ବାହିଲେ ପାଇବି । ଭଣଇ ନଚିର ସଚୁ ସାର ଛାର ମଣିବି ତା ସଙ୍ଗ ଲଭି । ୪ ।

୨୪ ଶ୍ରୀରାଗ—ଅଡ଼ତାଳ ।

ସହି ଗୋ, ଆଉ ଏଣିକି । କହିଲେ କେତେ ପରତେ ନାହିଁ ଯେ ବେନୁପାଣିକି । ପଦ । ଶୟନ ଲଗେ ନ ବାହ । ଥୟରେ ଦଣ୍ଡେ ନ ରହ । ଅୟନକୁ ଚାହିଁ ଚାହିଁ ନୟନୁ ତେଜି ପାଣିକି । ୧ । ସଞ୍ଜ-ବେଳୁଁ ବେଶ ସାଜି । କୁଞ୍ଜରେ ଥିଲି ମୁଁ ଆଜି । କଞ୍ଜନେବ ତେଜି ଗଲେ ଭଞ୍ଜନ କଲେ ଅଣିକି । ୨ । ଭରମେ ପଡ଼ିଲି ଯାହା । କରମେ ଥିଲା କି ଏହା । ମରମେ ନାହିଁ ଉତ୍ସାହ । ନ ରମେ ମନ କେଣିକି । ୩ । କବିଚନ୍ଦ୍ର ରଘୁନାଥ । ଭାବି କହେ ତୋର ହାତ । ଥିବାର କହ ଗୋ ମିଛ ଯିବ ମୁଁ ଆଣି କେଣିକି । ୪ ।

୨୫ ରାଗ ଝିଁଝିଟ—ତାଳ ଯତିପଟ ।

ସଖି ଲୁହ ଯାରେ, ମୋର ନାରେ । ଶ୍ୟାମଠାରେ, କହ ବାରେ । ପଦ । ତାର ଅବଶରେ, ମୋ ଦିନ ନ ସରେ, ଗଡ଼ି ଚାହିଁ ବଧୁଧାରେ । ରସିକ ରସରେ, ପ୍ରତିଦିବସରେ, ତାର ବଚନସୁଧାରେ । ୧ । ମୋର ଦେହ ଦୋଷରେ, ଏ ଘନ ରୋଷରେ, ଆସିବେ ମୋ ଶରଧାରେ । ତା ପଉରୁଷରେ, ରହିବ ପାଶରେ, ସହେ ବିରହବାଧାରେ । ୨ । ହେଲେ ନିରାଶରେ, ବଡ଼ ତ୍ରାସରେ, ଭସିବଟି ନିରାଧାରେ । ତାର ମାନ-ସରେ, ନୋହିଲେ ଲେଶରେ, ଆଉ କି ଗତି ରାଧାରେ । ୩ । ଆଜ ମୋ ବାସରେ, ବଂଶୀ ପ୍ରବେଶରେ, କୃଷ୍ଣଙ୍କୁ ଆଣି ଉଦ୍ଧାରେ । ଅତି ହରଷରେ, ଭଣେ ଏ ରସରେ, [illegible] ଓ ବାରେ ।

Digitized by PPRACHIN, SOA

30 ରାଗ ସୁରଟ—ତାଳ ଝୁଲ ।

ରଖିଲା ମନ ବସ୍ତ୍ରାଧରୀ ଧର ରେ । ପଦ । ରମଣୀ ସେ କାହାର ; ନୂଆ ହୋଇ ବାହାର । ଗଢ ମନ୍ତ୍ରରେ କନ୍ଦା କରି କରୀ ରେ । ୧ । ରସାଣିଲା ହାଟକ । ପରି କାନ୍ତି ଝଟକ । ଛୁଟକ ନକ ଅପସରୀ ପରି ରେ । ୨ । ଉଦବାସେ ପ୍ରକାଶ । ଝଟକ ମୃଦୁହାସ । ପଲକ ତାକୁ ଅନୁସରି ସରି ରେ । ରଙ୍ଗେ ନେଏ କଟୂତ । ତାକୁଁ କ ଆଣି କୁନ୍ତ । ଦେଲା ମରମେ ସୁକୁମାରୀ ମାରି ରେ । ୪ । ବହନ୍ତୁ ମୁଁ ସେବାରେ । ଏବେ ଜଣାନ୍ତୁ ବାବେ । ସଙ୍ଗତେ ଥିଲେ ଅନୁଚରୀ ଗୁରି ରେ । ୫ । ରସେ ଉପେନ୍ଦ୍ର କହ । ଲଭିବା ଯୋଗ ନାହିଁ । ମନ୍ଦି ହେଲା ହରଅରୀ ଅରୀ ରେ । ୬ ।

31 ରାଗ ଭୈରବୀ—ତାଳ ଝୁଲ ।

ଶ୍ୟାମକୁ ଦେଖିଲେ ଥରେ, ମନ କଥା କହିବ ରେ । ପଦ । ତାଙ୍କ ନାମରୁ ଅକ୍ଷରେ । ପଡିଲା ମାଏ ମନରେ । ଉଡେ ବୁନ୍ଦେ ପାପମନ ଏହା ମୁଁ ନ ସହିବ ରେ । ୧ । ଏକେତ ବସନ୍ତ କାଳ । ରାବ ଦେଉଛୁ କୋକିଳ । ମୁଁ ତ ବିରହଣୀ ନାରୀ କେତେ ଦୁଃଖ ସହିବି ରେ । ୨ । ବସ୍ତ୍ର ଅଟଗ ପକ୍ଷିବର । ପ୍ରାଣ ଯୋଉଥିବି କର । ପର ପରା କଲେ ମୁଁ ତ କେଉଁ ପର ନୋହିବ ରେ । ୩ । ରାମକୃଷ୍ଣ ବୋଲେ ମିତ । ଥୟ ହେଉ ନାହିଁ ଚିତ୍ତ । କେତେବେଳେ ଶ୍ୟାମ ଅଙ୍ଗ ମୋ ହୃଦରେ ବହିବ ରେ । ୪ ।

32 ରାଗ ଭୈରବୀ—ତାଳ ଝୁଲ ।

ବାଟ ଛାଡ ସୁହଟନାଗର ଯମୁନାକୁ ଯିବ ନାର ଅଣିକ । ବାଟ ପାଇଁ ଯେବେ ଲଟ ଲଗାଇବ ପ୍ରୀତି ବନ୍ଧା ହେବ ମଥାମଣିକ । ପଦ । ଘରେ ମୋ ନଣନ୍ଦ ଅଟେ ବଡ ମନ୍ଦ, ଶାଶୁ ମୋ ଅଟଇ ସପତଣୀ କି ? ଆହେ ଗିରଟେକା ନ କର ଛୁ ଡକା, ଛୁମ୍ବଲଗି ନ ଆସିବ ଏଣିକି । ୧ । ମୁହିଁ ବୃଷଭାନୁ ନୃପତିଙ୍କ ଜେମା, ଅନ୍ୟ ପ୍ରାୟ ମୋତେ ଅଛ ମଣି କି ? ଧର ମୋ ଅଞ୍ଚଳ କରୁଛ ଚଞ୍ଚଳ, ଡର ନାହିଁ ପର ଭୁଆସୁଣୀକି । ୨ । ନନ୍ଦ ମହାଙ୍କୁଡ ପୁଅ ଏତେ ବଡ଼, ଦେଖିଥାଅ ଗୋପ-ଗଉଡୁଣୀ କି ?

Digitized by PPRACHIN, SOA

କ୍ଷୀର ଦେଲାବେଳେ ପୂତନା ମାଇଲ, ସ୍ତ୍ରୀହତ୍ୟା ଦୋଷ ନ ବାନ୍ଧିଲ କା ॥ ମୁଁ ଯେବେ ଏଥର ଅଟିବ ପାଣିକି, ସଙ୍ଗେ ଅଣିଥିବ ପ୍ରିୟସଖୀଙ୍କି । ବୋଲେ ବନମାଳୀ ଶୁଣ ଠାକୁରାଣି, ହରଷ ନ କର ବେଣୁପାଣିକି ।୯।

33 ରାଗ କାମୋଦୀ—ଆଠତାଳୀ ।

ଦିନେ ନ ଡାକିବୁ ରାଧିକା ବୋଲି, ରେ ମୁରଲି, ତୋରେ ଶରଣ ଗଲି । ଘୋଷା । ସେ ନନ୍ଦସୁତ ମୁଁ ରାଜକୁମାରୀ, ବଂଶୀ ଦେଲୁ ଦିନା ପରଟେ କଢ । ୧ । ଲୁଚି ଲୁଚି ଯାଏଁ ସଖୀ ସଙ୍ଗତେ, କି ଯେଜ ଛାଡ଼ିଲୁ ମୁରଲି ମୋତେ । ୨ । ଜାତି ତୋର କଣ୍ଟାବାଉଁଶ ଖଣ୍ଡ, ଧ୍ୱନି ସଙ୍ଗେ ଥାଇ ପଞ୍ଚମକାଣ୍ଡ । ୩ । କୃଷ୍ଣହସ୍ତୁଁ ତୋତେ କେ ଦିଅନ୍ତା ମୋତେ, ଭସାଇ ଦିଅନ୍ତି ଯମୁନାସ୍ରୋତେ । ୪ । ମୁରଲି ରେ ତୋର ଏଡ଼େ ବଡ଼ାଇ, ପତିବ୍ରତାପଣ ଦେଉ ଛଡ଼ାଇ । ୫ । ବନମାଳୀ ବୋଲେ ଯୋଡ଼ହସ୍ତ କରି, ଆଉ ଦିନେ ମୋର ନାମ ନ ଧରି । ୬ ।

34 ରାଗ କାମୋଦୀ—ଏକତାଳୀ ।

ଶଢ଼ ନାହିଁ କହ ମୋତେ କାହିଁପାଇଁ ଗଢ଼ିଲ ରେ । ଘୋଷା । ବଧୂଜନ ଶ୍ରୀ ମଧୁକାଳ, ବହଇ ମଳୟାନିଳ, ଏକାକିନୀ ନାରୀକୁଳ, ଦଶା ଅସି ପଡ଼ିଲା ରେ । ୧ । ଏ ବୟସ ଅକାରଣ, ଗଲା ରେ ସଜନି ଜାଣ, ବନର ମାଲତୀ ପରି, ବନେ ଫୁଟି ଝଡ଼ିଲା ରେ । ୨ । ଗୋପାଳବାଳକ ସଙ୍ଗେ, ସ୍ନେହି ଦେଲ ବେନି ଡୋଳେ, କି କରମ କଲି ଏତେ, ଦଶା ଅସି ପଡ଼ିଲା ରେ । ୩ । ତା ସ୍ନେହକୁ ଭାବି ଭାବି, ପୂର୍ଣ୍ଣଶରେ ଗଲି ଦ୍ରବି, ମନ ତାକୁ ଅନ ଧରି, ନିତି ନିତି ଲୋଡ଼ିଲା ରେ । ୪ । ହେଲି ମୁଁ ଅତି କାତର, ମଦନ କଲା ବିମୁଖ, ବନମାଳୀ ବୋଲେ ଭଲି, ଏତେ ଦଶା ପଡ଼ିଲା ରେ । ୫ ।

35 ରାଗ ଆଶାବରୀ ଯତି—ଅଠତାଳୀ ।

ଶ୍ୟାମନାଗର ହେ ଏ ବେଶ ହୋଇବ ନାହିଁ । ଏ ବେଶ ହୋଇଲେ ପାଷାଣ ତରଳେ ଯୁବତୀ ବଞ୍ଚିବେ କେହି । ଘୋଷା । ଉଭା ହୋଇଥିବ କଦମ୍ବର ମୂଳେ ନଟବର ବେଶ ହୋଇ । ଯେଉଁଥିବ ଯେବେ ମୋହନମୁରଲୀ ଅଧରେ ଚୁମ୍ବିବ ନାହିଁ । ୧ । ପିନ୍ଧିଥିବ ଯେବେ

Digitized by PPRACHIN, SOA

ପୀତାମ୍ବର ତୁମ୍ଭେ ଭୂମିରେ ଲୋଟିବ ନାହିଁ । ହସୁଥିବ ଯେବେ ମୃଦୁ ମୃଦୁ ହୋଇ ଡେରଛେ ଗୁହିଁବ ନାହିଁ । ୨ । ପେନ୍ଧଥିବ ଯେବେ ଚନ୍ଦନର ବିନ୍ଦୁ ଗୋରଚନା ଥିବ ନାହିଁ । ବାନ୍ଧଥିବ ଯେବେ ବିଭଙ୍ଗିମା ଚୂଳ ଚନ୍ଦ୍ରିକା ଖୋଷିବ ନାହିଁ । ୩ । ଯେଉଁ ବେଶ ଡେଉଁ ମନ୍ଦ କଲ ଶ୍ୟାମ ଡେଉଁ ବେଶ ହେଲୁ ତୁହ । ବୋଲେ ବନମାଳୀ ଶୁଣ ଗୋ ତ୍ୟଜିବେ ଏ ବେଶ ତୁମ୍ଭର ପାଇଁ । ୪ ।

36 ରାଗ ଶ୍ୟାମକଳ୍ୟାଣ—ଏକତାଳୀ ।

ଅଇଲ ବସନ୍ତ ମିତ ପାଶେ ନାହିଁ ଚତୁର୍ଗୋବୀ । ନୟନେ ନାଚୁଛି ମୋର ନବକୁଞ୍ଜେ ମୁରଲୀଧର । ପଦ । ପାଶେ ଥାନ୍ତେ ଜୀବଧନ, ଭୁଞ୍ଜାନ୍ତି ଖଣ୍ଡଅପାନ, ଗଣ୍ଡେ ଦିଅନ୍ତେ ଚୁମ୍ବନ ମଦନ-ଦୁଃଖ ପାଶୋର । ୧ । ହାଳଅ କାଳଅ ହୋଇ, କଳା କଲ ମୋର ଦେହ, କଳାକୋକିଳକୁ ଗୁହିଁ ନୟନୁ ବହୁଛି ଧାର । ୨ । ଗଲବେଳେ ଯେଉଁ କାର୍ଯ୍ୟ କହିଥିଲ କର ଧରି, ସେ କଥା ହେଲେ ପାଶୋରି ହେଲ ପାଣିଗାର ପର । ୩ । ବନ୍ଧୁ ଅଙ୍ଗସଙ୍ଗ ବିନା, ସବୁ ସୁଖ କଲ ଉଣା, ଦ୍ୱିଜ ବଳଭଦ୍ର ବୋଲେ ମରିବି ଖାଇ ମହୁର । ୪ ।

37 ରାଗ ଝୁଲ—ଏକତାଳୀ ।

ରସାମଣ୍ଡନା ଯୋଷାମଣିକି ମୋ ମେଜେଷ୍ଟ୍ରି । ମୋ ଅଙ୍କ-ଦଫତରେ ହଦି କର ତୁ ପ୍ରୀତିକଚେରୀ । ଘୋଷା । ବିନୟ-ଦରଖାସ୍ତ ମୋର ଦେଉ କଲମିକ୍ଷାର; ନେବ ରଦରାଣୀ ତୋର, କରୁ ଏ ସମନ ଜାରି । ୧ । ଏ ପାପୀମଦନ ମୋତେ, ପ୍ରହାର କରୁଛି ଯେତେ; ଧର୍ମ-ଅବତାର ତତେ, କତ୍ୱରବେ ଫୌଜଦାରୀ । ୨ । ନ୍ୟାୟ କଣେ ବୁଝିବ, ଯାହାର କସୁର ହେବ; ବହୁରଣ ଦଣ୍ଡ ଦେବ, ବାହୁପାଶେ ବାନ୍ଧ କରି । ୩ । ସାକ୍ଷୀ ପରମାଣ ନେଇ, ନଥି ସାମିଲ କରାଇ; ଆଜ ଅଇନ ଧରାଇ, ଦିଅ ଡିକ୍ରି ଡିଗିରୀ । ୪ । ଦାସ ବନମାଳୀ କହେ, ଅପିଲ କରିବା ପାଇଁ; ଆଉ ନ ଥିବଟି କେହି, ଅଇନକୁ ଥିବ ଧରି ।

38 ରାଗ ସୁରଟ—ଢାଳ ଝୁଲ ।

ରସାମଣ୍ଡନା ରସାସାର-ସାର ରେ । ଘୋଷା—ମାନନ ଡେଜ ମାନ,

Digitized by PPRACHIN, SOA

ରକ୍ଷ ଯାଉଛି ପ୍ରାଣ, ମଦନ-ଅହି ଦଂଶେ ବାର ବାର ରେ । ୧ । ବସନ୍ତ-ମନ୍ଦର ହୋଇ, ବିଷମ ବିଷୁ ବାହି,—କର ହେଉଛି ହୃଦ ଥର ଥର ରେ । ୨ । କୁଚମଣ୍ଡଳୁଁ ଗୋଷ୍ଠି, ନେବ ନ ଅପେ ଫେରି, ରହିଲି ଲକ୍ଷି ଯେତେ କ୍ଷୀର ନୀର ରେ ।୩। ଯେବେ ହେଲି ମୋ ଦୋଷ, ବାନ୍ଧ ରେ ବାହୁପାଶ, କିଣାରେ ଧନ କୃପା କର କର ରେ ।୪। ହୋଇଥିବ ଗୃକର, ହୁକୁମରେ ହାଜର, ବୋଲେ ବାମନ ତୁ ମୋହର ହାର ରେ । ୫ ।

୩୯ ରାଗ ଖମ୍ବାଜମିଶ୍ର—ଏକତାଳୀ ।

ଯେବେ ଏ ନାଗରବର ଅଙ୍ଗସଙ୍ଗ ହେବ ମୋର । କପିଳାସ-କନ୍ଦେ ବସି ନିଶୀ ଜାଳିବ ଜାଗର । ପଦ । ନଦୀଘକାଳେ ନାଗର, ସାକ୍ଷାତ ହେଲେ ମୋହର, ହଦ୍ଦ୍ୟନ୍ତି କାମଜ୍ୱର କରଣ ରସବହାର । ବରଷାକାଳରେ ମାତି, ପୁହାଇ ଦଅନ୍ତି ରାତି, ଚଖାଇ ରସପୂରନ୍ତି ମନ ମୋହନ୍ତି ତାଙ୍କର । ୨ । ହିମ ଶିଶିରରେ ରହି, ଶୀତେ ଶରୀର କମ୍ପାଇ, ବହାର ବେଳେ ଯୋଡ଼ାଇ ଦେବ ପଣନ୍ତି ପୁଷ୍ପର ।୩। କହେ ସଦାନନ୍ଦ ଗୀର, ହେ ପ୍ରଭୁ ରଙ୍ଗଅଧର, ଏଥି ଅନୁଗ୍ରହ କର ହେଉ କାନ୍ତି ଧର କର । ୪ ।

40 ରାଗ ଖମ୍ବାଜମିଶ୍ର—ଏକତାଳୀ ।

ଯେବେ ଏ ନାଗରିଗୋଷ୍ଠି ହୁଅନ୍ତା ମୋ ମନୋହାରି । ଛତ୍ର-ପଲଙ୍କରେ ମାତି ପୁହାଇ ଦ୍ୟନ୍ତି ଶର୍ବରୀ । ଘୋଷା । ପଛାଡ଼ ବାନ୍ଧନ୍ତି ଜୁଡ଼ା, ଯେବଣି ମଲ୍ଲିପାଖୁଡ଼ା, କି ଶୋଭା ଭାଲେ ଅଲକ୍ଷ୍ୟ ନେଉଅଛି ମନ ହରି । ୧ । ମୁଖଚନ୍ଦ୍ର ଶୋଭାରାଶି, ଚନ୍ଦ୍ର କି ପଡ଼ିଛି ଖସି, କିବା ରବି ଉଦେ ହୋଇ ଅସନ୍ତି ଭ୍ରମଣ କରି । ୨ । ମୁହଁ ଖସି ସ୍ୱେଦନୀର, ପଡ଼ଯାଇ ଉରସର, ଭିନ୍ନଣ ଝୀନବସନ ଦିଶଇ ଉରଜ ବାରି ।୩। ସ୍ତ୍ରୀ ସଙ୍ଗ ଲଭିବା ପାଇଁ, ଶିବଙ୍କୁ ପୂଜିବି ଯାଇଁ, ଦ୍ୱିଜ ଭୈବଣ କହଇ ଭାରୁଛି କିବା ଶର୍ବରୀ । ୪ ।

41 ରାଗ ଭେରୂପ୍ର—ତାଳ ତ୍ରିପୁଟା ।

ମୋ ତ୍ରଣ ପଦ୍ମିଣଧନ, କାହେ ଫେରି ଗୃହକୁଁ ଯା ରେ । ପଦ । ତରୁଣ କାଳେ ନବୀନା, ଦାରୁଣପଣ ହୁଅ ନା, ଶରଣାଗତ ଜନରେ, କରୁଣା ତୁ ବହି ଯା ରେ । ୧ । ବାମୀ ନୁହ ତୁ ଦୟାଳୁ, ଲାଗିଛି ମୁଁ ବାଲକାଳୁ,

Digitized by PPRACHIN, SOA

ମାଗିଛୁ ଯାହା ହେମାଙ୍ଗି, ତାହା ମୋତେ ଦେଇ ଯା ରେ । ୨ । ବାଜି
କାମ ଦମ୍ଭ ବିନା, ଭଜି ହୋଇଯିବ ଚୂନା, ରାଜି କର ଦେବ ଧନ, ଆଜ
ଦଣ୍ଡେ ରହି ଯା ରେ । ୩ । ରଥାଙ୍ଗସ୍ତନା ଶିବାର, ବ୍ୟଥା ନ ଦିଅ ରେ
ଗୋର, ବୃଥାରେ ମଥା ନ ପୋଡ, କଥା ପଦେ କହି ଯା ରେ । ୪ ।
କହଇ ପଦନ ପଦେ, ପ୍ରୀତି କର ଶ୍ୟାମ ସାଧେ, ଧରଣୀରେ ଧନ ସେହୁ
କୀରତିକି ଥୋଇ ଯା ରେ । ୫ ।

42 ପରଜ—ଅଡତାଳ ।

ମୋହନ, ଏକ ଘାତ ଛୁଅଁ ନା ମୋ ତନୁ ତୁ ଯା ଯା ରେ । ପଦ ।
ବାପ ପିନ୍ଧି କାହାର, ନ ପାରିଲୁ ତୁ ବାର, ପାଲଟା କଲୁ ଗୋଷ୍ଠୀ,
ନହିଁଲୁ ତା କପର । ବ୍ରୀଡ଼ା ନୋହିଲା କ ରେ, କ୍ରୀଡ଼ାଭୁବନୁ ଆସି
ଦେଖାଉ ଚିହ୍ନରେଖ ପର ରେ । ୧ । ଅଧରକୁ ଅଞ୍ଜନ, କାହ୍ନୁଁ ଏ
ଅରଜନ, ଖଞ୍ଜନନୟନା ସେ, ଦେଇଥିଲା ଚୁମ୍ବନ । ଭିଡିଥିଲା ନାଗରୀ,
ଦେଖ ତୁ ଭଲ କରି, ଠାବ ଠାବକେ ଚନ୍ଦ୍ରସଖୀ ରେ । ୨ । ତା ଶପଥଟି
ତୋତେ, ତାପ ବଢ଼ାଉ କେତେ, ମାଗ ହେଲା ଅମାପ, ପାପ ତୁ
ଯେନ ଚଉ । ଛପ ପରରେ ତନୁ, ଛଇ ହୋଇଛୁ କାହ୍ନୁ, କପଟେ
ଲୁଚି ପଚି ଭ୍ରଷ୍ଟ ରେ । ୩ । ଯେନ ମୋର ବଚନ, ଯମୁନା କର
ସ୍ନାନ, ଦିଅ ଦ୍ୱିଜରେ ଦାନ, ପାପ ହେବ ମୋଚନ । ବଦତି ଭାଗୀରଥୀ
ମୋହନକୁ ଶ୍ରୀମତୀ, ଛର କଲକୁ ପାର ହେବ ରେ । ୪ ।

43 ଅଡ଼—ଖେମଟା ।

ଜାଣିଲି ଜାଣିଲି ଧନ ପୀରତି ବିଷମ ରେ । ଲାଗିଲେ ସେ ନ
ଛାଡ଼ଇ ନୁଅଇ ବିଷମ ରେ । ଘୋଷା । ଯେ କରେ ପାପପୀରତି
ସେହି ମୂଢ଼ଜନ ରେ । ଚନ୍ଦ୍ର ଚନ୍ଦ୍ର ଦାନ୍ତ ସ୍ତବ ମୋର ଏହି କାମ
ରେ । ୧ । ମାନିନୀ ହୋଇଲୁ ବିଧେ ନ ଠେକୁ ଆନନ ରେ । ଏ
ଘୋର ସଙ୍କଟ ଦେଲୁ ଧିକ ତୋର ସ୍ନେହ ରେ । ୨ । ଏ ଲୋଭରେ
ମନ କେହି ନ ଭଲ ଶମନ ରେ । ନିଶ୍ଚୟ ଜାଣିଲି ଆମ୍ଭ କରନଟି
ଧାମ ରେ । ୩ । କୃଷ୍ଣଚନ୍ଦ୍ର ବୋଲେ ତତ୍ତ୍ୱ ଭାବଣ ଏସନ ରେ ।
ଏ ହେତୁ ପ୍ରୀତିକି ନିନ୍ଦା ନ ଧର ତା ନାମ ରେ । ୪ ।

Digitized by PPRACHIN, SOA

44 ରାଗ କାମୋଦୀ—ଅଠତାଳୀ ।

ସଖି ବଛେ କଦମ୍ବମୂଳେ ଗୋ । ଏ ନବଲାବଣ୍ୟରୂପ । ଘୋଷା । ଏକଦିନେ ସଖି ମୁଁ ରେ । ଗଲି ଯମୁନାକୁ ତୀରେ । ଗନ୍ଧ କୁସୁମ ଫୁଲରେ । ସଖି, ଚନ୍ଦ୍ରକାନ୍ତିଲ ତା ପରେ ।୧। ଚନ୍ଦନବିନ୍ଦୁ କପୋଳେ । ନାସାରେ ମୁକୁତା ଲମ୍ବିଲେ । ହୃଦରେ ପଙ୍କଜମାଳେ । ସଖି, ଦେଖି ମୋ ପାଦ ନ ଚଳେ । ୨ । ଗୋପସୁତ ସଙ୍ଗମେଳେ । ଗୋବିନ୍ଦ ଗୀତ ସ୍ତୁତିଲେ । ମୋହନ-ମୁରଲୀ କରେ । ବଂଶୀ, ରଧା ରାଧାକୁ କଲ୍ଲୋଳେ । ଶୁଣି ଦୂତୀ ପ୍ରବୋଧିଲେ । ପ୍ରବୋଧି ନିକୁଞ୍ଜେ ଗଲେ । ବନମାଳୀ ଦାସ ବୋଲେ । ରାଧା, ଶ୍ରୀକୃଷ୍ଣ ପାଦ ସେବିଲେ । ୪ ।

45 । ରାଗ ସିନ୍ଧୁଭୈରବ—ଅଠତାଳୀ ।

ଏତେବେଳୁଁ, ଥାଅ ମୋତେ ଛାଡ଼ି ରେ । ପ୍ରିୟସଖି । ତହିଁରେ ମୁଁ ନାହିଁ ଅବଗାହି ରେ । ଘୋଷା । ପ୍ରଥମ ପ୍ରବେଶ କାଳେ, ଅହ୍ଲାଦ ଅଙ୍ଗ ଧୂଳିଲେ, ଉଣ୍ଣ ହେବ ଯିନା ତଳେ, କେଳିତଳପକୁ ବଳେ, ଘେନି ଯିବେ, ସେତ ସ୍ନେହ ବହି ରେ । ୧ । ମାର ମନେ ଖେଳୁଥିବ, ପ୍ରଦୀପ ଯେ ଜଳୁଥିବ, ବିବେକତ ଠେଲୁଥିବ, ଲାଜତ ପ୍ରବଳୁଥିବ, ତାଙ୍କ ମୁଖ, ଅନାଇବ କେହି ରେ । ୨ । ମଦନମଦ ଅମଳେ, ରେତା ନ ଥିବାରୁ ଭଲେ, ଲୋଭବଶୁଁ ଅବା ଗେଲେ, ପୁନଃପୁନ ଚୁମ୍ବ ଦେଲେ, ସ୍ଥିର ହୋଇ, ରହି କି ନ ରହି ରେ । ୩ । ବୋଲନ୍ତି ଯେ ଅଙ୍ଗ ବିଧାନ, ବାଜି କରରୁହ ମୁନ, ଦେହରେ ନ ରଖି ସ୍ଥାନ, ପୁଣି ଗାଢ଼େ ଆଲିଙ୍ଗନ, ଏତେ ଦାଉ, ପାରିବ କି ସହି ରେ । ୪ । ବିନତି ହୋଇ କହିଲେ, ଏତେ ଅବା ହେବ ହେଲେ, କି କରିବ ନୀବୀ ଫୁଲେ, ଅଷ୍ଟ-ହଟକୁ ଚିମ୍ଟି ଛଡ଼ଲେ, ସହିବାର, ପଡ଼ିଲି କି ଛାଡ଼ି ରେ । ୫ । ଦୁର୍ଗନାଥ ଭଣେ, ତୋଷ ଗୋ ସଖି ଜଣାଣେ, ମଣ୍ଡି ମଣି ଆଭରଣେ, ରାଧିକା କିଶୋରୀ ଚରଣେ, ଅସିଲେ ମୁଁ, ଲୋକହସା ନୋହି ରେ । ୬ ।

46 ରାଗ ଶ୍ରୀ—ଅଧତାଳ ।

ବାଜନ୍ତି ସହି ବାଜା ରେ । ତୋ ନା ରେ ବ୍ରଜବଜାରେ । ଘୋଷା । ଅଟ୍ଟାଳରେ ଭୁ ଥିବାର, କାନନୁ ସେ ଅସିବାର, ଅନାଅନା ଚମତ୍କାର,

Digitized by PPRACHIN, SOA

ଭାବନା ତୋର ତାହାର । ୧ । ବ୍ରଜବଧୂ ପୀତପଟ, ତୋ ନୀଳଶାଢ଼ୀ ଯାଇଟ, ହୋଇବାର ବାଟ ଘାଟ, ଗୋପରେ କଲେଣି ହାଟ । ୨ । ଯାଉ ଯମୁନା ପାଣିକି, ବୁଡ଼ାଇ ତନୁ ଘଡ଼ିକି, ଶ୍ୟାମର ନୀପ ଛାଇକି, ଅନାଉଥିଲୁ କାହିଁକି । ୩ । ଭୃଷୁଥିଲ ଚନ୍ଦ୍ରାବଳୀ, ଦିଶଣ୍ଡ ଖଣ୍ଡମଉଳି, କହୁଥିବାର ବାଉଳି, ଜମ୍ଭ ଗ୍ୱଧେ ଗ୍ୱଧେ ବୋଲି । ୪ । ଗୋପାଳକୃଷ୍ଣ କହଇ, ସଖିଙ୍କି ସବୁ ଆସଇ, ଆପଣାର ଦୋଷ ନେଇ, ପରେ ଦଅନ୍ତି ଲଗାଇ । ୫ ।

47 ରାଗ ସୁରଟ–ଝମ୍ପେ ଲ ।

ସଙ୍ଗିନ, ତାକୁ ଯା ଯା ବୋଲି କହ ଦେ । ପରତେ ନାହିଁ ସେ ମୋର ଲମ୍ପଟରାଜାକୁ । ଘୋଷା । ନେଇ ଅଗାରୁ ତାକ । କୁଞ୍ଜେ ଏକା ରଖି । ଯାହା କଲ୍ ମୋତେ ସଖି କହବ କାହାକୁ । ୧ । ବାହା-ଘଲେ ଅନ୍ନଙ୍କ । ସଙ୍ଗତରେ କେଣେଙ୍କ । ନର୍ତ୍ତେ ବଜାଇବ ବେଣୁ ସ୍ୱରେ ମୋର ନାମକୁ । ୨ । ଭଣା ନ ଥିଲ୍ ମୋତେ । ପଡ କାହା ସଙ୍ଗତେ । ଲଭିବ ବୋଲି ଜଗତେ ଏ ପରବାଦକୁ । ୩ । ସ୍ନିଗ୍ଧ ନ ରଖି କାର । ନିତ ନୂଆ ହୃଦର । ଛୁ ଦୂରୁ କୁହାର ଖାନ୍ତୁ ମଦନ-ହଜାକୁ । ୪ ।

48 ସିନ୍ଧୁ ଖମ୍ବାଜ–ତାଳ ଯତ୍ ।

ଶିଖିଷଅଙ୍ଗି ରେ ଗିଷଣ-ମୋହନ, ନବ-ସପତ ବୟସୀ । ଘୋଷା । ତାମରସମୁଖି ହାସକୁ ପ୍ରକାଶ, ଦାସରେ ନ କର ମାନ । ନାଗମଣି ମୋର ଥିଲେ ଲବେ ଦୋଷ, ରଖ ବାହୁପାଶେ କଷି । ୧ । ଥରର ତୋ ଚତ୍ତ କର ପ୍ରାଣସହ, ଭଷ ଭୁ ମଧୁର ଗୀର । ଗଜି ହୁଅ ଥଜି ଜଶି ରତ-ରଣେ, ଦବା ଯାଉ ପରକାଶି । ୨ । ଏଣୀନୟନା ରେ ଯେଣିକି ଦେଖିଲେ, ଭୁ ଅଛୁ ଏକା ମୋ ସାହା । ଭ୍ରଷ୍ଟ ଅଥଳ କାମ-ସିନ୍ଧୁ-ନୀରେ, କୂଳେ ଲଗାଅ ଭୁ ଅସି । ୩ । ସତ୍ୟେ ଏଥର ନ କଲେ କରୁଣା, ଜାଣ ରେ କ୍ଷୀଣବଚନ । ଇଙ୍ଗିତ ଏ ମର୍ ତୋତେ ଲାଗୁଅଛୁ, ଖାନ୍ତୁ ଗଳେ ଦେଉ ଫାଶି । ୪ ।

Digitized by PPRACHIN, SOA

49 ରାଗ ଅଶାବରୀ—ଯତି ବା ଅଡ଼ତାଳୀ ।

ଜଣା ନ ଥିଲା ରେ ଏ କରୁଣା ଊଣା ହେବା । ଶରଣାଗତ ଜନକୁ ତୋ ଚରଣ ସେବା ମନା କରିଦେବା । ଘୋଷା । ରଖୁ ଯେତେବେଳେ ବାହୁଲତା ପାଶେ ଠେଲି ବେନି କୁଚମୂଳେ । ଛିଡମଣ୍ଡନା ରେ ସ୍ୱରଗ-ସମ୍ପଦଠାରୁ ବଳେ ସେହିକ୍ଷଣେ । ୧ । ଅଧରେ ଅଧର ମିଶାଇ ବଦନା ଗୃଢ ନୟନ ବୁଲାଉ । ମନ୍ଦଗମନା ରେ ପ୍ରୀତି-ରୁକ୍ମିଣୀଙ୍କ ମଧ୍ୟେ ସାର ତୁ ବୋଲାଉ । ୨ । ରତିଶ୍ରମେ ସ୍ୱେଦନୀର ଝରଗତି ହେଲେ ଦେଖି କି ବିକଳେ । ହୁତାଶନେ ନୀର ପକାଇଲା ପରି ହେଉଛି ବକ୍ଷ ବାଧାଞ୍ଚଳେ ॥ ଅରବିନ୍ଦମୁଖି କନ୍ଦର୍ପର ଦର୍ପ ନ ସହି ପାରିବ ଆଉ । ଖାନୁ ବୋଲେ ଆଦ୍ୟ ଅକ୍ଷର ବିଗ୍ରହ ବାନା ତୋର ଉଡ଼ୁଆଉ । ୪ ।

50 ରାଗ ଝିଞ୍ଜିଟି—ଖେମଟା ଯତି ।

କହିଲେ କିସ ହେବ ପରତେ କିଏ ଯିବ, ମରମେ ମାରଣର ମାରୁଛ ରେ । ପଦ । ଲଙ୍ଘିଠର ଲିଖନ, ଏହା ଥିଲା କି ପୁଣ, ନୟନୁ ଅଶ୍ରୁଧାର ଝରୁଛି ରେ । ଏପରି ଅଦର୍ଶନୀ, କଟାଉଛି ମୁଁ ବସି, ନାମକୁ ତୋହର ସୁମରୁଛି ରେ ।୧। ଏବେ ଦିନକୁ ଦିନ, ତନୁ ହେଉଛି କ୍ଷୀଣ, ଦାମ୍ଭିକ-ପଣ ମୋର ସରୁଛି ରେ । ଶତପତ୍ରଆନନା, ବସିଲି ହୋଇ ଭୂତ, କୁନ୍ଦ-ରଦନା କିସ କରୁଛି ରେ । ୨ । କି ଅବା କଲି ଦୋଷ, ତୋହଠାରେ ଏ ଦୋଷ, ହସ୍ତୁଠ ନିଯୁକ୍ତ ଜୁହାରୁଛି ରେ । ଲକ୍ଷାରସ ପ୍ରକାର, ପାଦେ ତୋ ମଜିବାର, ପରତମ୍ଭ ନ କର ବାରୁଛି ରେ । ୩ । ହସ୍ତ ମୋର ବିନାଶ, ଭାଷ ପୀୟୂଷ ଭାଷ, ଯାଚନା ଏତିକି ମୁଁ କରୁଛି ରେ । ନବ-ରଙ୍ଗେ ଏଥର, ଦରହାସି ବହର, ଖାନୁ ତୋହର କର ଧରୁଛି ରେ ।

51 ରାଗ କଙ୍ଗଲ—ଭୈରବୀ ।

ମନା କଲେ ଯେତେ ଭୁଲିବ କି ଚିତ୍ତେ ସେ ନନ୍ଦନନ୍ଦନ ପୀରତିକି ଗୋ । ନ ଦେଖିଲେ ଥରେ ତାକୁ ନୟନରେ ନ ଲାଗଇ ଅନ୍ନ ରୁଚିକି ଗୋ । ପଦ । ରୂଷା ଭୂଷା ବାଣୀ ଯେତେ ବେଣୁପାଣି କହିଲେ ଛଳ ନାହିଁ ସେଥିକି ଗୋ । ଯାଇବି କି ଆଉ ଏ ଜୀବନ ଥାଉ ଥାଉ ଛାଡ଼ି ସେ ମୂରତି-କି ଗୋ । ୧ । ଶୋଭି ବଂଶୀ କରେ ପିଚ୍ଛ ଚୂଡ଼ା ଶିରେ ନାସାମୁକ୍ତେ ଗଜ-

Digitized by PPRACHIN, SOA

ଯୋଡିକି ଗୋ । ରଷ୍ଟୁ ଜିଣା ନାମ ପାଇଛୁ ଯେ ଶ୍ୟାମ ବଶ କରଅଛୁ ଛିଡିକି ଗୋ ।୨। ବନେ ବନେ ଗଲେ ଯିବ ତାହା ଭୁଲେ ଶିରେ ଧାର ଧର ଛଡିକି ଗୋ । ନାମକୁ ତାହାର ହୃଦୟରେ ହାର ରଖିଥିବ ସର-ଭୂତିକି ଗୋ । ୩ । ହିରଣ୍ୟ କଶିପୁ ବଦାର ଦେଲେ ଯେ ପ୍ରହ୍ଲାଦେ ଇନ୍ଦ୍ରଭୂତିକି ଗୋ । ଖାନ୍ ବୋଲେ ପାର ଶ୍ରୀ ପାଦପଦ୍ମର ଧ୍ୟାନ ନିପଟା ମୂଳତିକି ଗୋ । ୪ ।

52 ରାଗ କାମୋଦୀ—ତାଳ ତ୍ରିପୁଟା ।

ନାହିଁ କରଦେ ରେ କାହିଁକି ଅଉ ରଖିକୁ ଆଶ । ଗୃହିଁ ଗୃହିଁ ସର ଗଲି ରେ ଜୀବେଶ୍ୱର, ଏହ୍ନ କି ତୋହର ହେଲା ଉଚିତ ବିଳାସ । ଘୋଷା ରଖାକର କରିଗମନା ସୁନ୍ଦର ନ ମଣ୍ଡୁଅ ମାର କରେ ଲଭିବୁ କି ଯଶ । ହେଲାଣିତ ଯାହା ଏବେ ହୁଅ ଧାହା ନୋହିଲେ ଏ ଦାସ ଜନ୍ମେ ହୋଇ-ଲାଣି ନାଶ । ୧ । କେଉଁ ଦୋଷ ମୋର ନାହିଁ ଜାଣିବାର ହୋଇଥିଲେ ଥିବ ଥରେ ଶ୍ରୀମୁଖେଁ ପ୍ରକାଶ । ସରଲାଣି ନିଶି ଅହା ରେ ଘନକେଶି ଗୁମାନେ ଗୁମାନେ ହବା ହେବ କି ପ୍ରକାଶ । ୨ । ରଷ୍ଟୁ ମୋର ଅଉ ଜୀବ ଥାଉ ଥାଉ ହୋଇବ କି ହୃର ମୋତେ ନାହିଁଟି ବିଶ୍ୱାସ । ଲାଜ ତେଜି ଯୋଷାମଣି ରସାଳସା ମଜିଲା ଖାନ୍ ସଙ୍ଗତେ ହୋଇଣ ହରଷ ।

53 ରାଗ ଢଣ୍ଢୋରବ—ଏକତାଳୀ ।

ମୋହନ କି ଜାହିବ ଯେ ଘନଜଘନୀ ବେଦନା । ଦେଖି ଲକ୍ଷଣି ଛଡିଗଲା ମୋ ଚେତନା । ଘୋଷା । ଶୁଣ ହେ ନିର୍ଦ୍ଦୟ ହରି, ତୁମ୍ଭ ନାମ ଧରି ଧରି, ଜାଳକୁ ନେଉଛି ଯେ କେତକୀବଦନା ।୧। ଦୋଳିତ ତାର ମନ, ଶୁଣିଲା ଷଣି ମୁଁ ଛନ୍ନ, ହୋଇ ଧାଇଁ ଅସିଲି କହିବାକୁ ସିନା । ୨ । ଅଶନ ବସନ ବାସ, ହେଲାଣି ବିଷ ସଦୃଶ, କେବଳ କରେ ତୁମ୍ଭ ସାକ୍ଷାତ ଭାବନା । ୩ । ପ୍ରାତଃସମୟର ଶଶୀ, ପରିରେ ଗଲାଣି ଦିଶି ଚମ୍ପକିତ ଉରଜା ହାଟକବରନା । ୪ । ଖାନ୍ନ ବାସରାଜ ଭଣି, ଶୁଣି ପ୍ରିୟସଖୀ ବାଣୀ ଉଠେ ଭେଟିଲେ ଶ୍ରୀହରି ହୋଇ ସୁମନା । ୫ ।

54 ରାଗ ଧନାଶ୍ରୀ—ପହରତାଳ ।

ଘନକେଶି ତୋ କେଳିବାତୁରା ଛବି । ଘର କାଲି ନେବେ ମୁଁ

Digitized by PPRACHIN, SOA

କପ ଭରବ ।୧। ଘନସ୍ତନ ଲମ୍ବଥାଇ ପଦାବଳୀ । ଘୂମବର୍ଣ୍ଣ ଚାଲୁଥାଉ ଝଲି ଝଲି । ୨ । ଘନନୀବୀବନ୍ଧ ପଡ଼ୁଥାଇ ଖସି । ପେନ୍ନ କରେ ତାହା ଦେଉଥାଉ ଖୋସି ।୩। ଘର୍ମେ ପୂରିଥାଉ ତନୁଲୋମ-ଅଭ୍ର । ଘନଧାର ଠାଠା ହୋଇ ରହୁ ଶୋଭ୍ର ।୪। ଘଟଣ ଚରଣେ ଲୋଟୁଥାଉ କେଶ । ଘୋଷି କହେ ଉପଇନ୍ଦ୍ର ସେହୁ ବେଶ । ୫ ।

55 ରାଗ ଭୈରବୀ—ରୂପକ ବା ପହପଟ ।

ବିମାବ୍ରତନ, ଅଙ୍କତ ଧାଶୁ ନାହିଁ କାଲ୍ଲ ଯତନ ରେ । ପଦ । ଉରଜେ ବାଜିଅଛି କରଜକାଣ୍ଡ । ଲାବଣ୍ୟନିଧିଙ୍କ ମୋ କେ ଦେଲା ଦଣ୍ଡ ରେ । ୧ । କଟି ଡମ୍ବରୁ-ମଧ୍ୟା ସିଂହକୁ ଜିଣି । ଅଙ୍ଗୁ ବସନ ଫିଟି ଲୋଟେ ଧରଣୀ ରେ । ୨ । ପଲଙ୍କ ଛାଡି ରାମା ଯାଇଛି ଉଠି । ନବଢ଼ ନୀବୀବନ୍ଧ ଯାଉଛି ଫିଟି ରେ । ୩ । ପଦ୍ମସୁବାସ-ମୁଖ ଦିଶେ ମଳିନ । ନିଦ୍ରା ବିହ୍ୱଳେ ରଙ୍ଗ ବେନି ନୟନ ରେ । ୪। ଗୋବିନ୍ଦବନ୍ଧ୍ୟ-ଧର ରସିକବର । ହେମବରନ ବାଳେ ସୁନ୍ଦର୍ଯ୍ୟ ଭର ରେ । ୫ ।

56 ରାଗ ମୁଖାରୀ—ପହପଟ ।

ରମଣୀରତନ, ରତାନ୍ତରେ ଏକାଦନ । ଦସାମଣ୍ଡନା ତୋର ମୋର ପାଲଟି ହୋଇଲା ବସନ । ପଦ । ରତି ଅନ୍ତେ ଗୃହିଁ । ବମା ଅତି ଲାଜ ପାଇ । କଂଜୀବନେବି ମୋ ଆଗେ ଉଭା ହେଲୁ ବଦନ ନୁଆଇଁ । ୧ । ରସିକା ସିହାଣି । ରସେ କହୁଛ ମୁଁ ବାଣୀ । କେଲି ଉଲଟ ତୋର ମୋର ଜାଣିମା କେମନ୍ତ ଏ ପୁଣି । ୨ । ବାଷା ହେଉ କହୁ । ରମ୍ଭାଉରୁ ତା ଟେକ୍ରୋଇ । ହରଷେ ପିନ୍ଧିଣ ପଣନ୍ତେ ପଣନ୍ତେ ବାସ ପାଲଟାଇ । ୩ । ରମଣୀଙ୍କୁ ସ୍ତନ । ରଙ୍ଗେ କରଇ ଲୋକନ । ରଚେ ଉପଇନ୍ଦ୍ର ଭଞ୍ଜ ମଙ୍ଗଳ ସୁରସ ବିଧାନ । ୪ ।

57 ରାଗ ସିନ୍ଧୁ କାମୋଦୀ—ଏକତାଳୀ ।

ମିତ୍ର ଛାଡ ହୋ ଲୋ, ଭୁତ ଅନୁଭବୀ ନୋହୁ । ସ୍ନେହଜାତ ସୁଖ ତା ବିଚ୍ଛେଦ ଦୁଃଖ ଯେ ଜାଣେ ସେ ଅସି କହୁ । ଘୋଷା । ପଦ୍ମଧ କୁଟିମେ ପ୍ରକଟି ଗଲାଣି କୂଟଜାତ ବାସମଧ୍ୟେ । ପୁଟଜମୁକୁନ୍ଦ ବଳିଲେଣି ଥାଉ କୁଟଯାକ ସେ ସମସ୍ତେ । ୧ । ଲକ୍ଷାଢ ସାକ୍ଷାତ ହେଲିନି ଲୋକରେ

Digitized by PPRACHIN, SOA

ତା ଖ୍ୟାତ କରନ୍ତି କେତେ । ବସ ମକରନ୍ଦ ହେଲାଣି ବଳି ଯେ କି ସମକାଉନ୍ତୁ ମୋତେ । ୨ । ଷୋଳଶତମାନଙ୍କ ଆଗପରକି ମୁଁ ଟେକି ପାରୁ ନାହିଁ ମଥା । ଟେକି ଦେଲେ ଭୂଲି ଧୂଳିପିବ ବୋଲି ଏ କି ସଙ୍କଟା କଥା । ୩ । ଅନବରତେ ମୋ ଶରଣ ହେଲାଣି ବନଜପଲ୍ଲବାବଳୀ । ଘନଶ୍ୟାମ ନାମ ଦୁଃଖାନଳେ ମୋର ମନ ଯାଉଛନ୍ତି ଜଳି । ୪ । କି ଅଶେ ପୁଣି ସେ ହବୁଥାଇ ମନ ଖିଆଲେ ମୁରଲୀବଜା । ଟାଣେ ଯେଉଁପର ମରମକୁ ମୋର ଜାଣେ ଅଷ୍ଟଦୁର୍ଗରାଜା । ୫ ।

58 ରାଗ ବେହାଗଡ଼ା—ତାଳ ଝୁଲ ।

କହ ରେ ସଜନ, ଆଜ ଏ ରଜନୀ, ମୋ ପ୍ରାଣନାୟକ ଆସିବେ କି । ପଦ । କେଳିଗୃହେ ମିଳି, କରିବେ କି କେଳି, ରସାଇ ମୋ ମନ ରସିବେ କି । ୧ । ନାୟକରତନ, ଦେଇ ଚୁମ୍ବନ, ସୁରତେ ମୋ ମନ ତୋଷିବେ କି । ୨ । ସେ ନନ୍ଦନନ୍ଦନ, ଶ୍ରୀମଧୁସୂଦନ, ଆସି ମୋ ପଲଙ୍କେ ବସିବେ କି । ୩ । ଖଣ୍ଡିବେ ଅଦେହ-ଦଣ୍ଡକୁ ମୋହର, ବନସ୍ତୃରେ ଗୃଣ୍ଠି ଭୁଷିବେ କି । ୪ । ଦେଇ ଚାବୁକରେ, କର ମୋ ଚିକୁରେ, ଗାମନ୍ଦ କୁସୁମ ଖୋସିବେ କି । ୫ । ଘୋଟିଛି ମଦନ-ଅନ୍ଧାର ସଦନ, ମୋହନ-ଚନ୍ଦ୍ର ପ୍ରକାଶିବେ କି । ୬ । ବୋଲେ ପୀତାମ୍ବର, ନାଶି ହୃଦଜ୍ୱର, ଅଭିପଞ୍ଚ ତାପ ନାଶିବେ କି । ୭ ।

59 ରାଗ ପରଜ—ତାଳ ଆଡ଼ା ।

ପଡ଼ିଲିଟି ସଜନି ମୁଁ କି ଲୋକହସାରେ । ପଦ । କେ ଜାଣିଥିଲା ଏ କୁଟେ, କପଟପ୍ରୀତି ପ୍ରକଟେ । କରି ସେତୁ ଧୀରପଟେ, ନଟବରସାରେ । ୧ । ହସିଲେ ଭଗାଦିମାନେ, ବସିଲି କେବଳ ମାନେ । ରସିକବରଙ୍କୁ ଜାଣି, ଏ କି ପ୍ରଶଂସା ରେ । ୨ । ଆସୁ ଯାଉଁ ଘରେ ନିତି, ଶାଶୁନଣନ୍ଦଙ୍କୁ ଭୀତି । ପାଶୁଁ ଯେବେ ହେଲେ ଦୂର, ଥିବ କେ ନ ସାରେ । ୩ । ଭ୍ରମ-ଅନୁଭ କଦିତ, ଶ୍ୟାମ ସଙ୍ଗେ କର ପ୍ରୀତି । କାମରେ ହେଲି କାତର, ଦେଖ ମୋ ଦଶା ରେ । ୪ ।

60 ରାଗ ଝୁଲ—ଆଠତାଳୀ ।

ରୂପକାନ୍ତି ଏ କି ସ୍ତୁତି ନ ଭାଷୁ ବଚନ ଭାଲେ । ଛାଡ଼ ମନୁ ମାନ

Digitized by PPRACHIN, SOA

ମାନ ଏ ଦାସ ଅଗଣ୍ଡ ବେଳେ । ପଦ । ମୃଗନେତ୍ରି ବିଧୁମୁଖି, କାହିଁକି ଗୃହୁଁ ନରେଖି, ତୋହ ବିନା ମୁଁ କମ୍ପୀଖୀ, ଦହୁଅଛୁ କାମାନଳେ । ୧ । ବିନମ୍ୱେ କହୁଛୁ ତୋତେ, ଇତର ନ ଭାବ ମୋତେ, ରଖ ପାଦେ କରି ଦାସ ସେବୁଥିବି ସଦାକାଳେ । ୨ । ତୋ ସ୍ନେହରେ କବାଧରି, ଅଜନ୍ମକାଳୁଁ ଉଦାସୀ, ତୋତେ ଅଛୁ ଅନୁସରି ଉଦ୍ଧରି ଧରି ତୋ କୋଳେ । ୩ । ପ୍ରିୟା ତୋ ଶ୍ରୀମୁଖ ଚାହିଁ, ପୂରୁଛି ମୋର ମଣଇଁ, ମାଗଇ ନଜିର ଏତେ ଥିବ ତୋର ପୂନଜରେ । ୪ ।

61 ରାଗ ପରଜ — ଗାନ ଝୁଲ୍ଲା ।

କେଲି ପ୍ରବୀଣା, ତୋ କଥା ମୋତେ ପିନା ଜଣା ରେ । ଘୋଷା । ନେବାନ୍ତ ଖେଳା ମିତ, କରଇ ଇତସ୍ତତ, ବିବେକ କରି ଦେଉ ବଣା ରେ । ୧ । କୁଳେ ଲାବଣ୍ୟବତୀ,—ପଣେ ଭାରତୀପତି, କୋହେ ତୋତୋରୁ କନ୍ଥି ଊଣା ରେ ୨ । ଦରଶନ ଆରମ୍ଭେ, ସରସଗିର ଦମ୍ଭେ, ଗରବି ଦେଉ ସରପଣା ରେ । ୩ । ମୁଁ ଏହି ଅଭିଳାଷେ, ଶିବ ଶିବାଙ୍କ ପାଶେ; କରୁ ଯେ ଥାଇ ଜଣାମଣା ରେ । ୪ । ବିହେ ଭବବନ୍ଧନ, ବନେହେଁ ମନ ଯିବ, ମସ୍ତକେ ମାଦପାରୁ ଠଣା ରେ । ୫ ।

62 ରାଗ ମୁଖାରି—ଆଠତାଳି ।

କାହାରେ କହିବି ସହି ମୋ ଅନ୍ତରବାଧା ରେ । ଯାହାରେ କହିଲେ କେହି ନ ବୋଲିବେ ଅଧା ରେ । ପଦ । କାହାରେ କି ଦୋଷ କଲି ତେଜିଲେ ଯେ ଯାହା ରେ । ଯାହାରେ ପଶିବ କଷ୍ଟେ ନ ପାରଲେ ତାହା ରେ । ୧ । ଅହାରେ ନାହିଁ ପୀରତି କ୍ଷୀଣ ହେଲି ଗୃହିଁ । ରେ । ଯାହାଙ୍କୁ ଭୁ ହେଲେ ଯିବି ଶରଣ ମୁଁ ତାହାରେ । ୨ । ବାହାରେ ପୂରିବ ଯତେ ମୋ ଶ୍ରବଣଗୁହାରେ । ତାହାରେ ହୃଦୟ କ୍ଷୋଯ ଯତେ ହେବ ବଢ଼ାରେ । ୩ । ହାହାରେ ତେଜିଲି ମୁହିଁ ସବୁ ଅଶା ବାହାରେ । ଗୁହାରେ ଯେ ଜାଣେ ପ୍ରୀତି ବନମାଳୀ ଜୁହାରେ । ୪ ।

63 ରାଗ କାମୋଦୀ — ଆଠତାଳି ।

କେଳିପ୍ରବୀଣା, କେଲି ତୋ ସ୍ନେହରେ କିଣା ରେ । ପଦ । ତେଳନେଷ ମୁଖେ ଦେଇ, ଦରହାସେ କୋଣିଅଇ; ଚାହିଁ ଚକ୍ଷୁ

Digitized by PPRACHIN, SOA

କରୁ ବଣା ରେ । ୧ । ଅଳସଭଙ୍ଗୀଭଙ୍ଗିରେ, ଦେଖାଇବା ଛଳକରେ; କେଉ ସୁନାଗିର ଜିଣା ରେ । ୨ । ବାଣୀ ଇଙ୍ଗିତରେ ଶୁଣା, ବୀଣା-ପାଣି ଗୃହୁ ବୀଣା; ଛୁଣା ସୁଧାପଣା ଊଣା ରେ । ୩ । ଭୂଷଣ ହର ଏ ଗିର, ରସିକଗଣ ମଧୁକର; ବସି ଜଣେ ହେବ ଗଣା ରେ । ୪ ।

64 ରାଗ କେଦାର—ଏକତାଳୀ ।

ବନ୍ଧୁ କାହିଁକି ମୋଠାରୁ ସ୍ନେହ ଭଙ୍ଗିଲ ରେ । ପଦ । ଗଙ୍ଗରଙ୍ଗ-ଜାତ ଜିଣା, ମୁଁ ପରା ତୋ ପ୍ରୀତି କଣା । ଗୃହୁଁ ଗୃହୁଁ ଚନ୍ଦ୍ରାବଳି ପାହିଲ ରେ । ୧ । ଦେଖୁ ଦେଖୁ ମାର ହାଣେ, ପରାଭବ ଦେଉ କେତେ । ମୋ ବେଦନା ତୋତେ କି ନ ଲାଗିଲ ରେ । ୨ । ମୁଁ ତୋହର ଭଣା ବନ୍ଧୁ, ଠେକ ମୁଖ-ପୂର୍ଣ୍ଣଇନ୍ଦୁ । ସତ କହ କିଏ କପ କହିଲ ରେ । ୩ । ବୋଲେ କବି ରାଜସୁତ, ଏ କଥା ନୋହେ ଉଚିତ । କାଳ କାଣ୍ଡି ବନ୍ଧୁ ବାଦ ଲଗିଲ ରେ । ୪ ।

ବ୍ୟାଘ୍ରଗତ ।

65 ରାଗ ଭୋଗପରଜ—ତାଳ ଚତୁପଟ ।

ଶୁକ କାକ କଲେ ରୁକ୍ଷ, ଅହେ ନାଥ ଛଡ଼ ମୋ ଶାଢ଼ୀ ପଣତ । ପଣ କର କହୁଅଛ ଚନ୍ଦ୍ରସେଣ ଗୋଗୋଷ୍ଠୁ ଆସୁଅଛ ତ । ପଦ । ଥିବ ଯେକେ ତୁମ୍ଭେ ଏହଠାରେ ନାହା ତାହା ଅଛିବା ପର୍ଯ୍ୟନ୍ତ । ପର୍ଯ୍ୟଙ୍କରୁ ଖସି ସେ କାଜଳ କପର ତାର ଆଗରୁ ଦିଶ ତ ହେ । ୧ । ଯିବ ତୁମ୍ଭର ମୋହର ଜାଣିଲେଣି ଏଥର କାହ୍ନେ ମହତ । ମହଲରୁ ମୋର ପରସ୍ଥାନ କର ନୋହିଣ ତୁମ୍ଭେ ବରତ ହେ । ୨ । ବେଦକତା ହେଲେ ନୁଆ ଜୀବଧନ କହାରୁ ହେବୁଁ ମୂକତ । ମକତ କର ମୋ ଏ ନିର ମୁ କର ଧରୁଛି ହୋଇ ଦୁଃଖିତ । ୩ । ଭୁଜଗିନୀ ନୁଁ ସିନା ହଦା ଅବଗାହେ ଜନାପବାଦ-ସରତ । ଦଜବ ହର ହେ, ମଧୁସ୍ଥାଣ୍ଡି ଭଣେ ବ୍ୟାଘ୍ରଗତରେ ଏ ଗୀତ । ୪ ।

ଶେଖ୍ ନଜର ମହମ୍ମଦ କର୍ତ୍ତୃକ ମୁଦ୍ରିତ ଓ ପ୍ରକାଶିତ ।
ଏଡ଼ଓ୍ୱାର୍ଡ ପ୍ରେସ,—କଟକ; ୧୯୧୨ ।

Digitized by PPRACHIN, SOA